ଧରିତ୍ରୀ
DHARITRI

October 29- November 4, 2023 ₹ 2/-

# ଛୁଟିଦିନ

# ପଥପ୍ରାନ୍ତ ନାଟକ

ପ୍ରଚ୍ଛଦ ପ୍ରସଙ୍ଗ

୩

**ଏଠି ନାଟକ ହୁଏ ବିନା ମଞ୍ଚ, ବିନା ସାଜସଜ୍ଜାରେ। ତଥାପି ଦର୍ଶକଙ୍କୁ ମନୋରଞ୍ଜନ ଦେବା ସହ ଜନ ଜାଗରଣର ଏକ ବଳିଷ୍ଠ ମାଧ୍ୟମ ବି ହୁଏ। ଏହି ପଥପ୍ରାନ୍ତ ନାଟକକୁ ଲୋକପ୍ରିୟ କରିଥିବା କିଛି ନାଟ୍ୟ ଅନୁଷ୍ଠାନ ଓ ନାଟ୍ୟ କଳାକାରଙ୍କ ସମ୍ପର୍କରେ...**



# ଘରେ ଆକ୍ୱାରିୟମ୍ ରଖୁଥିଲେ

ଆକ୍ୱାରିୟମ୍‌ରେ ମାଛ ଖୁସିରେ ପହଁରୁଥିବାର ଦେଖିଲେ ଭାରାକ୍ରାନ୍ତ ମନକୁ ଖୁବ୍ ଶାନ୍ତି ମିଳିଥାଏ। କୁହାଯାଏ, ମାଛମାନେ ଯେମିତି ଚଳଚଞ୍ଚଳ, ସେମାନଙ୍କୁ ଘରେ ରଖିଲେ ଘରର ବାତାବରଣ ବି କୁଆଡ଼େ ସେମିତି ହୋଇଯାଏ। ତେବେ ଏଥିପାଇଁ ବାସ୍ତୁଶାସ୍ତ୍ରରେ କ'ଣ ସବୁ ନିୟମ ରହିଛି ଜାଣନ୍ତୁ ସେ ସମ୍ପର୍କରେ...

✲ ଆକ୍ୱାରିୟମ୍‌ରେ ୯ଟି ମାଛ ରଖିବା ଶୁଭ ହୋଇଥାଏ। ଆଉ ସେହି ୯ଟି ମାଛ ମଧ୍ୟରେ ୮ଟି ଗୋଲ୍ଡ ଫିଶ୍ ଓ ଗୋଟିଏ କଳା ମାଛ



ରହିଲେ ଶୁଭଫଳ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ଅଛି।

✲ ଗୋଲ୍ଡ ଫିଶ୍‌କୁ ସାଧାରଣତଃ ଧନର ପ୍ରତୀକ ବୋଲି କୁହାଯାଇଥାଏ। ଅନ୍ୟପକ୍ଷେ କଳାମାଛଟି ସୁରକ୍ଷାର ପ୍ରତୀକ ଭାବେ ଘରକୁ ପ୍ରବେଶ କରୁଥିବା ସମସ୍ତ ନକାରାତ୍ମକ ଉର୍ଜ୍ଜାକୁ ନିଜ ଉପରକୁ ନେଇ ଘରେ ସକାରାତ୍ମକ ପ୍ରଭାବ ବଢାଇବାକୁ ଚେଷ୍ଟା କରିଥାଏ।

✲ ତେଣୁ ଯଦି କେବେ ଘରେ ରଖିଥିବା ଆକ୍ୱାରିୟମ୍‌ରେ କଳାମାଛଟିକୁ ଅଚାନକ୍ ମରିଥିବାର ଦେଖନ୍ତି, ତା'ହେଲେ ସେହିଥିରୁ ଜାଣିଯିବେ ଯେ, ଘର ମଧ୍ୟକୁ କିଛି ଖରାପ ଶକ୍ତି ପ୍ରବେଶ କରିଛି।

✲ ସଙ୍ଗେସଙ୍ଗେ ଗୋଟିଏ ଜିଅନ୍ତା କଳାମାଛ ଆଣି ଆକ୍ୱାରିୟମ୍‌ରେ ରଖିଦେବେ ଏବଂ ମୃତ ମାଛଟିକୁ ଏଣେତେଣେ ନ ଫୋପାଡି ଚଳନ୍ତା ପାଣିରେ ଭସାଇଦେବେ ନଚେତ୍ ମାଟିଖୋଳି ପୋତିଦେବେ।

✲ ସେହିପରି ଗୋଲ୍ଡ ଫିଶ୍ ମରିଗଲେ, ପୁଣି ନୂଆ ଗୋଲ୍ଡ ଫିଶ୍ ଆଣି ସେ ସ୍ଥାନରେ ରଖିଦେବେ। ଧ୍ୟାନ ରଖିବେ, ଆକ୍ୱାରିୟମ୍‌ରେ ୯ଟି ମାଛ ଯେମିତି ରହୁଥିବ। କାରଣ ଏହା ଅତ୍ୟନ୍ତ ଶୁଭ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୯-ନଭେମ୍ବର ୪

**ମେଷ**



ବନ୍ଧୁଙ୍କ ସଙ୍ଗେ ଯୁକ୍ତିତର୍କ, ସାଧାରଣ କଥାରେ ମତଭେଦ, ମାନସିକ ବ୍ୟସ୍ତତା, ଅର୍ଥ ଲାଭ, କାମଟି ବିଳମ୍ବରେ ହେବ, ରାଜକୀୟ ସମ୍ମାନ, ଭ୍ରମଣ ସୁଯୋଗ, ଧର୍ମକାର୍ଯ୍ୟ କରିପାରନ୍ତି, ନୂତନ କର୍ମନିଯୁକ୍ତି ସହ ନୂତନ ଯୋଜନାରମ୍ଭ, ପରିବାରରୁ ସହଯୋଗ ମିଳିବ।

**ବୃଷ**




ଦୁଃସାହସିକ ପଦକ୍ଷେପ, କୃତକାର୍ଯ୍ୟ ହେବେ, ଅର୍ଥର ଆବଶ୍ୟକତା ପଡ଼ିବ, ମନ ପ୍ରଫୁଲ୍ଲ ରହିବ, ଦ୍ରବ୍ୟଲାଭରୁ ଆନନ୍ଦ, ବିନା କାରଣରେ ଅନର୍ଥ, ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି, ମଙ୍ଗଳୋତ୍ସବର ଆୟୋଜନ କରିବେ, ବ୍ୟବସାୟିକ ଉନ୍ନତି, ପରିବାରରେ ଶାନ୍ତି।

**ମିଥୁନ**



ପ୍ରତ୍ୟେକ କ୍ଷେତ୍ରରେ ବିଜୟ, ବନ୍ଧୁଙ୍କ ସାହାଯ୍ୟ ସହଯୋଗ, ଘଟଣାର ସମୀକ୍ଷା କରିବେ, ପ୍ରଶଂସିତ ହେବେ, କ୍ରୀଡ଼ାରେ ସମ୍ମାନ, ସଙ୍ଗୀତରେ ପ୍ରତିଦ୍ୱନ୍ଦ୍ୱିତା, ଧର୍ମାନୁଷ୍ଠାନ କାର୍ଯ୍ୟରେ ନେତୃତ୍ୱ ନେବେ।

**କର୍କଟ**



ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ସ୍ୱାର୍ଥପରତାରୁ ଦୁଃଖ, ଦ୍ରବ୍ୟନଷ୍ଟରୁ କ୍ଷୋଭ, ଅସଂଯତ କାର୍ଯ୍ୟକଳାପ, ରଚନାତ୍ମକ କାମରୁ ପ୍ରଶଂସା, ଧର୍ମଚର୍ଚ୍ଚା ଦିଗକୁ ମନ, ଆର୍ଥିକ ସ୍ୱଚ୍ଛଳତା, ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟ ଲାଭ, ଇଚ୍ଛା ବିରୁଦ୍ଧ କାମ କରିବେ।

**ସିଂହ**



କାର୍ଯ୍ୟରେ ସମସ୍ୟା, ଧନବ୍ୟୟରୁ ମନସ୍ତାପ, ସମାଲୋଚିତ ହୋଇପାରନ୍ତି, ବନ୍ଧୁ ସମ୍ପର୍କରେ ହାନି, ନୂତନ କର୍ମାରମ୍ଭ, ଅର୍ଥ-ଦ୍ରବ୍ୟ ଲାଭ, ମିତ୍ରତା ବୃଦ୍ଧି, ଦୂରଯାତ୍ରା କରିବେ, ଜମିଜମା ବିବାଦ।

**କନ୍ୟା**



ଉତ୍ସାହିତ ହେବେ, ସହାୟତା ପାଇବେ, ବନ୍ଧୁ ମିଳନ, ଉଚ୍ଚବର୍ଗଙ୍କ ସହାୟତା, ସାମାଜିକ ସ୍ତରରେ ସମ୍ମାନ, ଦୁଃସାଧ୍ୟ କାର୍ଯ୍ୟ ସାଧନ, ଲକ୍ଷ୍ୟହୀନ ଯାତ୍ରା, ସ୍ୱାସ୍ଥ୍ୟହାନିରୁ ଦୁଶ୍ଚିନ୍ତା, ବନ୍ଧୁସହ ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଧନହାନି ଘଟିପାରେ।

**ତୁଳା**



ଘର କାମରେ ବ୍ୟସ୍ତତା, ଅପେକ୍ଷାକୃତ ଅସୁବିଧା, ବନ୍ଧୁବିରୋଧୀ ହୋଇପାରନ୍ତି। ଆଶାନୁଯାୟୀ ଅର୍ଥ ସାହାଯ୍ୟ, ସ୍ୱାସ୍ଥ୍ୟହାନିରୁ ଉଦ୍‌ବେଗ, ବନ୍ଧୁମିଳନ ଘଟିବ, ଅର୍ଥଲାଭ, ହାତ/ ପାଦରେ ଆଘାତ, ବିଦେଶ ଯାତ୍ରାର ସୁଯୋଗ ମିଳିବ।

**ବିଛା**



ଶାରୀରିକ ଅସୁସ୍ଥି, ପରିବାରରେ ଝଡ଼, ବନ୍ଧୁ କ୍ଷୁବ୍ଧ ହେବେ, କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବ, ବନ୍ଧୁଙ୍କ ଅନାଦର ଭାବ, ସାମୟିକ ମନ ଦୁଃଖ, ପରିସ୍ଥିତି ହାଲୁକା ହେବ, ବନ୍ଧୁ ମିଳନ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଆଶାନୁରୂପ ଫଳପ୍ରାପ୍ତି।

**ଧନୁ**




କାର୍ଯ୍ୟରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଖୁସିର ଆସର ଜମିବ, ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ସୁସମ୍ପର୍କ ବ୍ୟାହତ, ଭୁଲ୍ ନିଷ୍ପତି ନେଇପାରନ୍ତି, ଶାରୀରିକ ପୀଡ଼ା ଅନୁଭବ, ଶିଳ୍ପବାଣିଜ୍ୟରେ ଉନ୍ନତି ହେବ।

**ମକର**



ସ୍ୱାସ୍ଥ୍ୟ ଭଲ ରହିବ, ଆର୍ଥିକ ଦୁରବସ୍ଥା, ପରିସ୍ଥିତି ବଦଳିଯିବ ସଭାସମିତିରେ ସମ୍ମାନ, ସାମ୍ବାଦିକତାରୁ ଗୌରବ, ବିପନ୍ନ ମାନସିକତା, ଖର୍ଚ୍ଚ ପରିମାଣ ବୃଦ୍ଧି, ବନ୍ଧୁଙ୍କୁ ଆପ୍ୟାୟିତ କରିବେ, ପରିସ୍ଥିତିର ସାମ୍ନା କରିବେ, ରୋଗପୀଡ଼ା କମିବ।

**କୁମ୍ଭ**



ସୁସ୍ଥ ମାନସିକତା, କାର୍ଯ୍ୟଦକ୍ଷତା ବୃଦ୍ଧି ହେବ, ପ୍ରଶଂସିତ ହେବେ, ଅର୍ଥସମ୍ମାନ ପାଇବେ, ସମସ୍ୟା ସୁଧାରିନେବେ, ପାରିବାରିକ କଳହ, ଅସୁବିଧାରେ ପଡ଼ିପାରନ୍ତି, ମନୋବଳ ବୃଦ୍ଧି ପାଇବ, ଅପ୍ରିୟ ସତ୍ୟରୁ ବିବାଦ, ଗୃହସୀମାରେ ଦ୍ୱନ୍ଦ୍ୱ, ସମ୍ପର୍କହାନିରୁ ଦୁଶ୍ଚିନ୍ତା।

**ମୀନ**



ଅଜୀର୍ଣ୍ଣ ପୀଡ଼ା, ଅତୀତ ଘଟଣାର ଅନୁଚିନ୍ତା, ପାରିବାରିକ କଳହ, ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିବ, ପ୍ରତିଯୋଗିତାରେ ସଫଳତା, ଶୁଭ ଖବର ପାଇବେ, ସମସ୍ୟାର ସମାଧାନ, ଆମୋଦପ୍ରମୋଦର ମଉକା, ସମସ୍ୟାର ସମାଧାନ ହେବ।

# ପୂଜା କରିବାକୁ ନେଇ ନିୟମ...

ବାସ୍ତୁଶାସ୍ତ୍ର ଅନୁଯାୟୀ, ପୂଜାକୁ ସଫଳ ଓ ଫଳଦାୟୀ କରିବାକୁ ହେଲେ କେତୋଟି ନିୟମ ମାନିବାକୁ ହୋଇଥାଏ। ଯଦ୍ୱାରା ଦେବାଦେବୀଙ୍କର ଆଶିଷ ଲାଭ ହେବା ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ଯେମିତିକି: ✲ ଘରେ ଦେବାଦେବୀଙ୍କ ପ୍ରତିମା ସ୍ଥାପନା କରିବା ପୂର୍ବରୁ ଘରକୁ ଭଲ ଭାବରେ ସଫାସୁତୁରା କରି ଅନାବଶ୍ୟକ ଜିନିଷକୁ ଘରୁ ବାହାର କରିଦେବା ଦରକାର। କାରଣ ବେକାର ପଡ଼ିଥିବା ଜିନିଷ ଘରେ ନକାରାତ୍ମକ ଉର୍ଜ୍ଜା ସୃଷ୍ଟି କରିଥାଏ। ✲ ଦେବାଦେବୀଙ୍କର ମୂର୍ତ୍ତି ହେଉ ଅବା ଫଟୋକୁ ଘରର ପୂର୍ବ ଦିଗରେ ଏପରି ସ୍ଥାପନା କରିବେ, ଯେମିତିକି ତାଙ୍କ ମୁଖ ପଶ୍ଚିମ ଦିଗ ଆଡକୁ ଏବଂ ପୂଜା କରିବା ସମୟରେ ଆପଣଙ୍କ ମୁହଁ ପୂର୍ବ ଦିଗ ଆଡକୁ ରହୁଥିବ। ଏପରି କଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ✲ ଅନ୍ୟପକ୍ଷେ କୁହାଯାଏ, ଠାକୁର ଘରର କାନ୍ଥରେ ସିନ୍ଦୁରରେ ଓଁ ଏବଂ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଶୁଭ ଲକ୍ଷଣ ହୋଇଥାଏ। ✲ଠାକୁର ପୂଜାରେ ତମ୍ବା କିମ୍ବା ପିତଳ



ବାସନକୁସନର ବ୍ୟବହାର କରିବା ଭଲ। ଆପଣ ଚାହିଁଲେ ରୂପାର ଥାଳି ଓ ଜଳପାତ୍ରକୁ ମଧ୍ୟ ପୂଜାରେ ବ୍ୟବହାର କରିପାରିବେ। ✲ତା'ଛଡ଼ା ଘରର ମୁଖ୍ୟ ଦ୍ୱାରରେ ବି ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ କରି ଆମ୍ବ ଡାଳ ବାନ୍ଧିଲେ ଘରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ ହେବା ସହ ପ୍ରଭୁକୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ ମଧ୍ୟ ରହିଛି।

# ପାଠକୀୟ

✲ ସେ ଆସିଲେ ହିଁ ପାର୍ବଣ ପାର୍ବଣ ମହକେ ଚତୁର୍ଦ୍ଦିଗ। ଚାରିଆଡ଼େ ଖେଳିଯାଏ ଉତ୍ସାହର ବାତାବରଣ। ନିଜ ଅପରୂପ ସୌନ୍ଦର୍ଯ୍ୟରେ ସମସ୍ତଙ୍କ ମନ ମୋହିପାରେ କେବଳ ସେ ! କାଶତଣ୍ଡୀ। ତେଣୁ କାଶତଣ୍ଡୀକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। 'ସ୍ନାନ ପରେ କ'ଣ କରିବେ', 'ସ୍ୱପ୍ନରେ ଭଗବାନ' ଆଦି ପାଠଗୁଡ଼ିକ ବେଶ୍ ଶିକ୍ଷଣୀୟ ଥିଲା। ସେଲିବ୍ରିଟି ସିକ୍ରେଟ୍‌ରୁ ଗାୟିକା ଗୀତା ଦାଶଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

***– ସରୋଜ ବାରିକ, ରସୁଲଗଡ଼, ଭୁବନେଶ୍ୱର***

✲ ବର୍ଷା ଯିବା ପରେ ଧରାପୃଷ୍ଠକୁ ଆସି ସାରିଥାଏ ଶରତ। ସବୁଜ ରଙ୍ଗର ପାଟଶାଢି ପିନ୍ଧି ଚିକ୍‌ଚିକ୍ କରୁଥାଏ ପୃଥିବୀ। ଆଉ ଏହି ସବୁଜ ଶାଢିର ଶୁଭ୍ର ଧଡ଼ି ପରି ପ୍ରତୀୟମାନ ହେଉଥାଏ ସୁନ୍ଦରୀ କାଶତଣ୍ଡୀ। କାଶତଣ୍ଡୀରେ ସଜାଇ ହୋଇଥିବା ଧରିତ୍ରୀର ଏଇ ରୂପ କାହାକୁ ବି ଆନମନା କରିଦିଏ। ତେଣୁ କାଶତଣ୍ଡୀକୁ ନେଇ ଉପସ୍ଥାପନା କରାଯାଇଥିବା ଛୁଟିଦିନର ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ଗୁରୁ ଜଳଧର ପ୍ରଧାନଙ୍କ ସଙ୍ଗୀତ ଯାତ୍ରା ସମ୍ପର୍କରେ ବ୍ୟକ୍ତିତ୍ୱ ପୃଷ୍ଠାରୁ ପଢି ପ୍ରେରଣା ମିଳିଲା।

***–ତନୁଶ୍ରୀ ସେନାପତି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା***

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ଦାଣ୍ଡ କବାଟ' ଶୀର୍ଷକ ଗପ ଓ 'ଜୀବନ ମଞ୍ଜୁଆତି' ଶୀର୍ଷକ କବିତାଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ଅନୁପମ କରିଥିଲେ ଚୋରି', 'କଫି ପ୍ରିୟ ଜ୍ୟାକଲିନ୍', 'ଓଜନ ଟେନ୍‌ସନ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା। କବି, ଅଭିନେତା ବାଳକୃଷ୍ଣ ବେହେରାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ମନଛୁଆଁ ହୋଇଥିଲା।

***– ସୁଶ୍ରୀ ସଙ୍ଗୀତା ଦାସ, ରେଲୱେ କଲୋନୀ, ପୁରୀ***

✲ ସାଥୀର ଉତ୍ତର ବେଶ୍ ରୋମାଣ୍ଟିକ୍‌ଭରା ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ପୋଟ୍‌ଲି ବ୍ୟାଗ୍ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଚନ୍ଦ୍ରିକାଙ୍କ ଦେବୀ ଦେବୀ ଲୁକ୍ ଆକର୍ଷଣୀୟ ଲାଗୁଥିଲା। ସହର ପୃଷ୍ଠାରୁ ଅନନ୍ୟ ଦୁର୍ଗ ଖିମସର୍ ସମ୍ପର୍କରେ ବହୁ ଅଜଣା ତଥା ଉପାଦେୟ କଥା ଜାଣିହେଲା।

***– ପ୍ରକାଶ ଶତପଥୀ, ଜଙ୍କିଆ, ଖୋର୍ଦ୍ଧା***

✲ ବିବିଧା ପୃଷ୍ଠାରୁ 'ପାଦ ଛୁଇଁ ପ୍ରଣାମ କାହିଁକି କରାଯାଏ', 'ବଡ଼ ଭାଓଲିନ' ତଥା ବ୍ୟାକ୍‌ପେଜ୍ ପୃଷ୍ଠାରୁ 'ଲମ୍ବା କେଶ ଦେଖି ଭାବିବେନି ଝିଅ', '୯୫ ବର୍ଷୀୟା ସୁପର୍ ମଡେଲ୍', 'ଟୁ ଇନ୍ ୱାନ୍ ବ୍ୟାକ୍‌ପ୍ୟାକ୍' ଆଦି ପାଠଗୁଡ଼ିକୁ ପଢି ବହୁ ଅଜଣା କଥା ଜାଣିହେଲା। ***–ସୌମ୍ୟରଞ୍ଜନ ମହାନ୍ତି, ବଲାଙ୍ଗୀର***



## ବିଶେଷ ଚିଠି

ପ୍ରଚ୍ଛଦରେ ଥିଲା କଥାର ନାଁ କାଶତଣ୍ଡୀ
ଲେଖା ଓ ଡିଜାଇନ୍‌ରେ ଲାଗୁଥିଲା ଏହା
ସବୁଠୁ ସୁନ୍ଦର ଆଉ ମନ ମୋହିନୀ।
ତା'ସାଙ୍ଗକୁ ପୁଣି ସୁନ୍ଦରୀ ମଡେଲ୍ ଓ
ଗୀତା ଦାଶଙ୍କ ସେଲିବ୍ରିଟି ସିକ୍ରେଟ୍
ନେଇଥିଲା ସଭିଙ୍କ ମନକୁ ବାନ୍ଧି।
ସେହିପରି ଛୁଟିଦିନର ଲାଇଫ୍ ଷ୍ଟାଇଲ୍,
ସାଥୀ, ସହର, ବିବିଧା ଓ ସିନେମା
କରୁଥାଏ ସଭିଙ୍କୁ ଏମିତି କିମିଆ।

***– ସ୍ୱପ୍ନାରାଣୀ ସାହୁ, ପାରାଦ୍ୱୀପ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପଥପ୍ରାନ୍ତ ନାଟକ



ନାଟକ କେବଳ ଦର୍ଶକଙ୍କୁ ମନୋରଞ୍ଜନ ଦିଏ ତା'ନୁହେଁ, ବରଂ ସମାଜର ନିଚ୍ଛକ ଛବିକୁ ପ୍ରତିଫଳିତ କରିଥାଏ। ଏହାଛଡ଼ା ଏହା ଜନ ଜାଗରଣର ଏକ ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟକରେ। କିନ୍ତୁ ପଥପ୍ରାନ୍ତ ନାଟକର ପରିଚୟ ନିଆରା, ଯାହା ପ୍ରତ୍ୟେକ ବର୍ଗର ଦର୍ଶକଙ୍କ ମନକୁ ଛୁଇଁଥାଏ। ପଥପ୍ରାନ୍ତ ନାଟକକୁ ଲୋକପ୍ରିୟ କରିଥିବା କିଛି ନାଟ୍ୟ ଅନୁଷ୍ଠାନ ଓ ନାଟ୍ୟ କଳାକାରଙ୍କ ସମ୍ପର୍କରେ...

**‘ନାଟ୍ୟ ଚେତନା’ ନାଟ୍ୟାନୁଷ୍ଠାନ:** ନାଟ୍ୟ ଚେତନା ଅନୁଷ୍ଠାନର ପ୍ରତିଷ୍ଠାତା, ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ **ସୁବୋଧ ପଟ୍ଟନାୟକ** କୁହନ୍ତି– ପଥପ୍ରାନ୍ତ ନାଟକ ବିପ୍ଲବୀ ନାଟ୍ୟ କର୍ମୀମାନଙ୍କଦ୍ୱାରା ସମାଜରେ ସଚେତନତା ପାଇଁ ହୋଇଥାଏ। ଏହାକୁ ‘ନାଟ୍ୟ ଚେତନା’ ପଥପ୍ରାନ୍ତ ନାଟକ ନ କହି ‘‘ଚେତନା ନାଟକ’’ ବୋଲି କୁହେ। ଏହି ପ୍ରକାର ନାଟକ ପରିବେଷଣ ପାଇଁ ନାଟ୍ୟ ଚେତନାର ପ୍ରାୟ ୨୦ ଜଣିଆ କଳାକାର ଦଳ, ସାଇକେଲ ଧରି ଗାଁକୁ ଗାଁ ବୁଲିଚି। ଗାଁର ଛକ ଜାଗାରେ ପହଞ୍ଚି ଦର୍ଶକଙ୍କୁ ଅଭିନୟ ସ୍ଥଳକୁ ଗୀତ ବୋଲି ଡାକିବା ସହ ସେଇ ଅଞ୍ଚଳର ସାଂସ୍କୃତିକ ସର୍ବେକ୍ଷଣରୁ ମିଳିଥିବା ତଥ୍ୟ ଆଧାରରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥାଏ। ଗୋଟିଏ ଗାଁରେ ନାଟକ ସରିଲା ପରେ ଆମେ ଦର୍ଶକଙ୍କ ତାଳି ନୁହେଁ ବରଂ ବିଷୟ ବାବଦରେ ପ୍ରତିକ୍ରିୟା ଆଶା କରୁଥାଉ। ନାଟକ ପାଇଁ ପ୍ରାୟ ୧୦ ହଜାର କି.ମି. ଦୂର ୫୧ଥର ସାଇକେଲ ଅଭିଯାନ କରିଛୁ। ଓଡ଼ିଶା ସମେତ ବାହାର ରାଜ୍ୟକୁ ଯାଇ ୫୧ଟି ପଥପ୍ରାନ୍ତ ନାଟକ ପ୍ରାୟ ଏକ ହଜାର ସ୍ଥାନରେ ପରିବେଷଣ କରିସାରିଛୁ। ଥରେ ମୁନିଗୁଡ଼ାଠାରୁ ପ୍ରାୟ ୨୦୦ କିମି ଦୂର ଏକ ଆଦିବାସୀ ଗାଁରେ ପହଞ୍ଚିଲା ବେଳକୁ ସେଠାରେ ରାତି ହୋଇଯାଇଥାଏ। ସେହି ରାତିରେ ସେଠାରେ ରହିଲୁ। ଗାଁଲୋକମାନେ ସେମାନଙ୍କ ଘରୁ ପଖାଳ ଭାତ ଓ ଟମାଟୋ ଆଣି ଆମକୁ ଦେଇଥିଲେ। ଆମେ ପାଖରେ ରଖିଥିବା ମିକ୍ସଚରକୁ ପଖାଳଭାତ ସହିତ ଖାଇଥିଲୁ। ସକାଳ ହେବାରୁ ସେହି ଗାଁରେ ଗଛ ଓ ଜଙ୍ଗଲର ସୁରକ୍ଷା ସମ୍ପର୍କରେ ‘କାହା ପାଇଁ ଆତ୍ମହତ୍ୟା’ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲୁ। ତା’ ପରେ ସେହି ଗାଁରୁ ନାଟକ ସାରି ଆମେ ପ୍ରାୟ ୬ କିମି ଯାଇଛୁ, ସେହି ସମୟରେ ଗାଁବାଲା ଦୁଇଟି କାଠ ବୋଝେଇ ଟ୍ରକକୁ ଅଟକାଇବାରୁ ଆଖପାଖ ଗାଁର ଲୋକମାନଙ୍କ ଭିଡ଼ ଜମିଥିଲା। ହେଲେ ଅଟକ ରହିଥିବା ଟ୍ରକଟି ଏକ ଲାଇସେନ୍ସ କଣ୍ଟ୍ରାକ୍ଟଙ୍କର ହୋଇଥିବାରୁ କଥାଯାଇ ପ୍ରଶାସନିକଙ୍କ ନିକଟ ପହଞ୍ଚିଥିଲା। ପୋଲିସ ଅନୁସନ୍ଧାନ କରି ଜାଣିଲା, ନାଟକରେ ଯିଏ ଗାଁ ଲୋକଙ୍କୁ ଉସୁକାଇଛି ତାଙ୍କୁ ଗିରଫ କରାଯିବ। ସେଥିପାଇଁ ପୋଲିସ ଆମକୁ ଖୋଜିଥିଲା। ସେତେବେଳକୁ ଦୁଇ ଦୁଇଟି ପାହାଡ଼ ଡେଇଁ ସରୁବାଟରେ ସାଇକେଲ ଧରି ଆମେ ବହୁଦୂରକୁ ଯାଇ ସାରିଥିଲୁ। ପରେ ଜାଣିଲୁ ଯେ, ଗାଁଲୋକଙ୍କ ପରାମର୍ଶରେ ନିଷ୍ପତ୍ତି ହେବାପରେ ଗଛ କଟାଯିବ। ପରେ ଏହିପରି ଏକ ସମସ୍ୟା ଅନୁଗୋଳଠାରେ ହୋଇଥିଲା। ଏଠାକାର ଏକ କମ୍ପାନୀରୁ ବାହାରୁଥିବା ଫ୍ଲୋରାଇଡ ଯୋଗୁ ସେ ଅଞ୍ଚଳର ଗୃହପାଳିତ ପଶୁମାନେ ରୋଗାକ୍ରାନ୍ତ ହୋଇ ମରୁଥିଲେ। ଆମେ ଏହା ଉପରେ ଏକ ସଚେତନତାମୂଳକ ନାଟକ କରିଥିଲୁ ଯେଉଁଥିପାଇଁ କମ୍ପାନୀର କେତେଜଣ ଏଜେଣ୍ଟ ଆମକୁ ମାଡ଼ ମାରିଥିଲେ। ସେହିପରି ‘ସୀତା ଅସୀତା’ ନାଟକରେ ଜଣେ ଝିଅ କିପରି ସହରୀ ହେବା ଆଳରେ କିଛି ନକଲ କରି ଅସୀତା ହୋଇଯାଉଛି। ଏହି ନାଟକରେ ଜଣେ ବୁଢ଼ୀ ଖୁସି ହୋଇ ଆମ ପାଖକୁ ଆସି ଶହେ ଟଙ୍କା ପୁରସ୍କାର ଆମ ହାତକୁ ଦେଇ କହିଥିଲା– ମୋର ୩ଟି ଝିଅ ଅଛନ୍ତି। ସେମାନେ ମତେ ଏମିତି ସହରରେ ରହି ପଢ଼ିବା ବାହାନାରେ ବହୁ ହଇରାଣ କରୁଛନ୍ତି। ଏହି ନାଟକ ମତେ ଭଲ ଶିକ୍ଷା ଦେଇଛି। ପ୍ରକୃତରେ ପଥପ୍ରାନ୍ତ ନାଟକ ତିଆରି ହୁଏ ଜନସଚେତନତା ପାଇଁ। ନାଟକ ପରିବେଷଣ ପରେ ତା'ର ବିଭିନ୍ନ ଦିଗ ସମ୍ପର୍କରେ ଦର୍ଶକଙ୍କଠାରୁ ମତ ସଂଗ୍ରହ କରିଥାଉ। ମୋ’ ମତରେ ଏହାକୁ ଚେତନା ନାଟକ କହିଲେ ଭୁଲ ହେବନାହିଁ। କାରଣ ଏମିତି ନାଟକ ପରିବେଷଣର ମୂଳ ଲକ୍ଷ୍ୟ ହୋଇଥାଏ ସମାଜ ପରିବର୍ତ୍ତନ।

**‘ଚେତାବନୀ’ ନାଟ୍ୟାନୁଷ୍ଠାନ:** ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣିଆ ଗାଁର ‘ଚେତାବନୀ’ ନାଟ୍ୟ ଅନୁଷ୍ଠାନର ପ୍ରତିଷ୍ଠାତା **ସ୍ୱର୍ଣ୍ଣଲତା ଜେନା** କୁହନ୍ତି, ‘୧୯୮୪ ମସିହାରୁ ନାଟ୍ୟ ଚେତନାରେ ତାଲିମ ନେଇଥିଲି। ମୋ ସହିତ ସମଚିନ୍ତନଧର୍ମୀ ସାଥୀମାନେ ଏକାଠି ହୋଇ ସାଇକେଲରେ ବିଭିନ୍ନ ଅଞ୍ଚଳର ଗାଁ ଗାଁ ବୁଲି ପଥପ୍ରାନ୍ତ ନାଟକ ପରିବେଷଣ କରିଆସୁଛୁ। ବିନା ମଞ୍ଚ, ବିନା ସାଜସଜ୍ଜା, ଆଙ୍ଗିକ ବାଚକ ସାଙ୍କେତିକ ଚରିତ୍ର ଚିତ୍ରଣକୁ ପଥପ୍ରାନ୍ତ ନାଟକ କୁହାଯାଏ। ବିଭିନ୍ନ ଗାଁ ହେଉ କି ସହର, ବିଶେଷକରି ଛକ ସ୍ଥାନରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥାଏ। ପୁରୀରୁ ପାରଳାଖେମୁଣ୍ଡି, ମୟୂରଭଞ୍ଜରୁ ରାୟଗଡ଼ା, କୋରାପୁଟରୁ କଳାହାଣ୍ଡି ଆଦି ଅନେକ ଜିଲାକୁ ଯାଇଛି। ନାଟକ ପରିବେଷଣ ପରେ କେତେବେଳେ ଗଛ ମୂଳେ ତ କେଉଁଠି ଗାଁ ଲୋକଙ୍କ କୋଠଘରେ, ପୁଣି କେଉଁ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ବିଶ୍ରାମ ନେବାକୁ ପଡ଼ିଥାଏ। ଏ ପ୍ରକାର ନାଟକ ଲୋକଙ୍କ ମନକୁ ଛୁଇଁବା ସହ ଜନଜାଗରଣରେ ସହାୟକ ହୋଇଥାଏ।

**‘ସଂଯୋଗ’ ନାଟ୍ୟାନୁଷ୍ଠାନ:** ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତର୍ଗତ ଅଲିପୁର ଗାଁରେ ଗଢ଼ିଉଠିଥିବା ‘ସଂଯୋଗ’ ନାଟ୍ୟ ଅନୁଷ୍ଠାନର ପ୍ରତିଷ୍ଠାତା **ରଞ୍ଜନ କୁମାର ନାୟକ** କୁହନ୍ତି, ‘ନାଟକରେ ସ୍ନାତକ ପଢ଼ା ସାରିଛି। ୧୯୮୮ରୁ ନାଟ୍ୟ ଚେତନାରେ ପ୍ରାୟ ୧୦ବର୍ଷ କାର୍ଯ୍ୟ କରିଛି। ମାତ୍ର ୧୯୯୯ ମସିହାରୁ ପଥପ୍ରାନ୍ତ ନାଟକ ଜରିଆରେ ସମାଜରେ କିଛି ପରିବର୍ତ୍ତନ ପାଇଁ ପ୍ରୟାସ କରିଛି। ପଥପ୍ରାନ୍ତ ନାଟକ ପରିବେଷଣ ବେଳେ କୌଣସି ସାଜସଜ୍ଜା କିମ୍ବା ମଞ୍ଚର ଆବଶ୍ୟକତା ପଡ଼େନା। ଏପରି ନାଟକ ମାଧ୍ୟମରେ ଉପସ୍ଥିତ ଲୋକଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରିହୁଏ।








ନାରାୟଣ ପତି


ସୁବୋଧ ପଟ୍ଟନାୟକ


ନିତ୍ୟପ୍ରକାଶ ସ୍ୱାଇଁ


ରଞ୍ଜନ ନାୟକ


ସ୍ୱର୍ଣ୍ଣଲତା ଜେନା


ଶତ୍ରୁଘନ ସାମଲ

ଓଡ଼ିଶାର ଶତାଧିକ ସ୍ଥାନରେ ନାଟକ ପରିବେଷଣ କରି ଜନସଚେତନତା କରିପାରିଥିବାରୁ ମୋତେ ଆତ୍ମସନ୍ତୋଷ ମିଳିଛି।

**‘ନୂପୁର’ ନାଟ୍ୟାନୁଷ୍ଠାନ:** କଟକ ଜିଲା ସାଲେପୁର ବ୍ଲକର ବାରବୋଡିଆ ଗ୍ରାମରେ ଗଢ଼ିଉଠିଛି ‘ନୂପୁର’ ନାଟ୍ୟସଂସ୍ଥା। ଏହାର ପ୍ରତିଷ୍ଠାତା ହେଲେ **ନିତ୍ୟପ୍ରକାଶ ସ୍ୱାଇଁ** । ସେ କୁହନ୍ତି, ‘୧୯୯୪ ମସିହାରୁ ଏହି ନାଟ୍ୟସଂସ୍ଥା ତରଫରୁ ପଥପ୍ରାନ୍ତ ନାଟକ ଆରମ୍ଭ କରିଥିଲୁ। ସେବେଠାରୁ ୬ରୁ ୮ଜଣ କଳାକାର ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ସ୍ୱାସ୍ଥ୍ୟ ସଚେତନତା ଓ ସାମାଜିକ କୁସଂସ୍କାର ବିରୁଦ୍ଧରେ ପଥପ୍ରାନ୍ତ ନାଟକ କରିଆସୁଛୁ। ୧୯୯୬–୯୭ରେ ‘ନିଧି ମଉସା ତୋ ମଶାରି ନେ’ ନାଟକ ୩୦ ଜିଲାର ସିଏଚ୍‌ସି ଜରିଆରେ ମ୍ୟାଲେରିଆ ସଚେତନତା ପାଇଁ ଏକ ଉଦାହରଣ ପାଲଟିଥିଲା। ଥରେ କନ୍ଧମାଳ ଜିଲା ଅଧୀନ କୋଟଗଡ଼ର ଶ୍ରୀରାମପୁର ଯୁବଗଡ଼ଠାରେ ମ୍ୟାଲେରିଆ ନିରାକରଣ ସମ୍ପର୍କରେ ଏକ ନାଟକ ପରିବେଷଣ ପାଇଁ ଯାଇଥିଲୁ। କିନ୍ତୁ ସେ ଅଞ୍ଚଳରେ ବିଜୁଳି ଆଲୁଅର ସୁବିଧା ନାହିଁ, ପୁଣି ଦିନରେ ଖରାଥିବା ପର୍ଯ୍ୟନ୍ତ ନାଟକ କରାଯିବ। ମାତ୍ର ସେଠାରେ ଦେଖିଲୁ ଚାରିଆଡ଼େ ଅଧିକାଂଶ ନାଲି ପତାକା ମରାଯାଇଛି। ସେହି ସମୟରେ ଆମର ମୋଟରଗାଡ଼ିଟି ଖରାପ ହୋଇଗଲା। ଏପଟେ ସନ୍ଧ୍ୟା ସୁଦ୍ଧା ସେଠାରୁ ଫେରିବାକୁ ହେବ ବୋଲି ସୂଚନା ଆସିଥିଲା। ଭୟ ଓ ଦୁଶ୍ଚିନ୍ତାରେ ଥିବାବେଳେ କେତେଜଣ ଯୁବକ ଆସି ଆମ ଗାଡ଼ିକୁ ସଜାଡ଼ି ଥିଲେ । ପରେ ଆମେ ଜାଣିଲୁ ସେମାନେ ଥିଲେ ମାଓବାଦୀ। ଗାଁରେ ନାଟକ ପ୍ରଦର୍ଶନ ପାଇଁ ସେମାନେ ଆମକୁ ସାହାଯ୍ୟ ଓ ସହଯୋଗ କରିଥିଲେ। କିନ୍ତୁ ସେଠାରେ ଫଟୋ ନ ଉଠାଇବାକୁ ସେମାନେ ମନା କରିଥିଲେ। ସେଠାରୁ ଫେରିଲା ପରେ ଏହି ଘଟଣାକୁ ନେଇ ସମସ୍ତଙ୍କ ମନରେ ଏକ ଅଜଣା ଭୟ ସୃଷ୍ଟି ହୋଇଯାଇଥିଲା। ଏତିକି କହିବି ପଥପ୍ରାନ୍ତ ନାଟକ କରି ଜଣେ ନିଜର ପରିବାର ପ୍ରତିପୋଷଣ କରିବାରେ କିଛି ଅସୁବିଧା ନାହିଁ।

**‘ଟିମ୍’ ନାଟ୍ୟସଂସ୍ଥା:** ସ୍କୁଲ ବୟସରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ନାଟକରେ ଅଭିନୟ କରିଛନ୍ତି। ନାଟକ ପାଠ୍ୟକ୍ରମରେ ପାଠ ପଢ଼ିଛନ୍ତି । ସେ ହେଲେ ଓଡ଼ିଶା ପଥପ୍ରାନ୍ତ ନାଟକ ମହାସଂଘ ସଭାପତି **ଶତ୍ରୁଘନ ସାମଲ** । ସେ କୁହନ୍ତି, ‘୧୯୮୫ ମସିହାରୁ ଆଜି ପର୍ଯ୍ୟନ୍ତ ବହୁସଂଖ୍ୟକ ପଥପ୍ରାନ୍ତ ନାଟକରେ ଅଭିନୟ କରିସାରିଛି। ନାଟକ ମାଧ୍ୟମରେ ସମାଜକୁ ସଚେତନତାଧର୍ମୀ ବାର୍ତ୍ତା ଦେଇପାରିଥିବାରୁ ନିଜକୁ ଧନ୍ୟ ମଣେ। ସମୟକ୍ରମେ ଏହା ମୋର ପେସା ଓ ନିଶାରେ ପରିଣତ ହୋଇଯାଇଛି। ଶହେରୁ ଊର୍ଦ୍ଧ୍ୱ ନାଟକ ଲେଖିବା ସହ ନିର୍ଦ୍ଦେଶନା ଦେଇ ସାରିଛି। ‘ଟିମ୍’ ନାଟ୍ୟସଂସ୍ଥା ଜରିଆରେ ଅନେକ ପଥପ୍ରାନ୍ତ ନାଟକର କର୍ମଶାଳାରେ ଯୋଗ ଦେଇଛି। ଆଦିବାସୀ ପାହାଡ଼ି ଜଙ୍ଗଲ ଅଞ୍ଚଳରେ ଦିନେ ଦିନେ ସଂଧ୍ୟା ହୋଇଯାଇଛି, ସେଠାରେ ଉପବାସରେ ରହିଛୁ, ତ ପୁଣି କେଉଁଠି ଆଦିବାସୀ ଗ୍ରାମର ଲୋକେ ନାଟକ ଦେଖି ଆମକୁ ଖାଦ୍ୟ ଦେଇଛନ୍ତି। ଅନେକ ଥର ହାତୀଘେରା ଗାଁରେ ଭୟରେ ରାତି କଟାଇଛୁ। ସାପ ଭୟରେ ମଧ୍ୟ ରାତି ଅନିଦ୍ରାରେ ସମୟ ବିତିଛି। ମୟୂରଭଞ୍ଜ ଠାକୁରମୁଣ୍ଡାରେ ଭାଲୁର ଭୟ। ମାଲକାନଗିରି, ରାୟଗଡ଼, କୋରାପୁଟ, ଫୁଲବାଣୀରେ ମାଓବାଦୀଙ୍କ ଭୟ। ଏହା ସହ ବି ନାଟକ କରି ଫେରିଲା ପରେ ଯେଉଁ ଆନନ୍ଦ ମିଳେ, ତାହା ବର୍ଣ୍ଣନା କରିବା ସମ୍ଭବ ନୁହେଁ। କୋରାପୁଟର ନାରାୟଣପାଟଣା ଓ ମାଲକାନଗିରିର କୋରୁକୁଣ୍ଡା, କାଲିମେଳା ବ୍ଲକ ମାଓବାଦୀ ଅଞ୍ଚଳରେ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ସିଧାସଳଖ ଭାବରେ ସରକାରଙ୍କ ନାମ ନ ଧରି ଭିନ୍ନ ଭାବରେ ନାଟକ ପ୍ରସ୍ତୁତ କରି ସେ ଅଞ୍ଚଳରେ ପରିବେଷଣ କରିଥିଲୁ ଏବଂ ସେମାନଙ୍କ ମନ ଜିଣିଥିଲୁ। ସେଠାରୁ ଆସିଲା ପରେ ଜାଣିଲୁ ସେଠି ମାଓବାଦୀ ଓ ତାଙ୍କ ସମର୍ଥକମାନେ ଆମକୁ ଆତିଥେୟତା ପ୍ରଦାନ କରିଥିଲେ।

**‘ଅନ୍ୱେଷଣ’ ନାଟ୍ୟାନୁଷ୍ଠାନ:** ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ସେ ସ୍କଲାରଶିପ୍ ପାଇ ପାଠ ପଢ଼ିଛନ୍ତି। ସମୟକ୍ରମେ ଏକାଧିକ ଥିଏଟର, ଧାରାବାହିକ ଓ ସିନେମା ନିର୍ମାଣ କରିଛନ୍ତି। ‘ଅନ୍ୱେଷଣ’ ନାଟ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରି ବହୁ କଳାକାରଙ୍କୁ ତାଲିମ ଦେଇଛନ୍ତି। ଜଣେ ସଫଳ ନାଟ୍ୟକାର, ସଂଳାପକାର, ଅଭିନେତା, ନିର୍ଦ୍ଦେଶକ, ପ୍ରଶିକ୍ଷକ ଓ ସିନେମା ନିର୍ମାତା ଭାବେ ତାଙ୍କର ନିଆରା ପରିଚୟ ରହିଛି। ଦୂରଦର୍ଶନରେ ତାଙ୍କର ପ୍ରଥମ ଓଡ଼ିଆ ଧାରାବାହିକ ‘ପଥର ପଡ଼ିଲେ ସହି’ ଏବଂ ‘ଟୋକେଇ’ ବହୁ ଲୋକପ୍ରିୟତା ହାସଲ କରିଥିଲା। ‘ଲକ୍ଷେ ଶିବ ପୂଜି ପାଇଛି ପୁଅ’ ସିନେମାରେ ତାଙ୍କର ଅଭିନୟ ଖୁବ୍ ମନଛୁଆଁ ହୋଇଥିଲା। ସେ ହେଲେ **ନାରାୟଣ ପତି**। ସେ କୁହନ୍ତି, ‘ପିଲାଦିନେ ପାଲାଦେଖାରୁ ଅଭିନୟ ପ୍ରତି ଆକର୍ଷିତ ହୋଇଥିଲି। ସ୍କୁଲ ଏବଂ କଲେଜରେ ନାଟକ କରୁଥିଲି। କଲେଜ ସରିଲା ପରେ ଅଧିକ ସୁଯୋଗ ପାଇବା ପାଇଁ କଟକ ଆସିଲି। ସେତେବେଳେ କଟକରେ ପ୍ରଫେସର କାର୍ତ୍ତିକ ରଥଙ୍କ ନାଟକ ଗ୍ରୁପ୍‌ରେ ଏବଂ ଜନତା ରଙ୍ଗମଞ୍ଚରେ ଅଭିନୟ କରିଥିଲି। ଅଭିନୟ ଶିକ୍ଷା ସମ୍ପର୍କରେ ସେତେବେଳେ ଜାଣିଲି ଭାବିଲି ଅଭିନୟ କରିବ ତ ପୁଣି ଶିକ୍ଷା କ’ଣ ? ପରେ ଅବଶ୍ୟ ସଙ୍ଗୀତ ମହାବିଦ୍ୟାଳୟରେ ୨ବର୍ଷୀୟା ଆକ୍ଟିଂ କୋର୍ସରେ ଆଡ୍‌ମିଶନ ନେଇଥିଲି। କିନ୍ତୁ ପ୍ରଥମ ବର୍ଷ ପରେ ଆଉ ଦ୍ୱିତୀୟ ବର୍ଷକୁ ଗଲି ନାହିଁ । କାରଣ ମତେ ଫେଲ୍ କରିଦେଲେ। ତା’ପରେ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ଯାଇ ପଢ଼ିଲି। ସେଠାରେ ସର୍ବଭାରତୀୟ ସ୍ତରରେ ୬ଷ୍ଠ ସ୍ଥାନ ରଖି ସ୍କଲାରଶିପ୍ ପାଇଥିଲି। ତା’ପରେ ୧୯୮୨ ମସିହାରେ ଅନ୍ୱେଷଣ ନାମକ ଏକ ନାଟ୍ୟ ଅନୁଷ୍ଠାନ ଗଢ଼ିଥିଲି। ଇଷ୍ଟର୍ନ ଜୋନର ପ୍ରାୟ ୬ଟି ରାଜ୍ୟ ମଧ୍ୟରେ ଆମ ଅନ୍ୱେଷଣର ନାଟକ ମୁକ୍ତିପଥ ଦିଲ୍ଲୀକୁ ଯିବାକୁ ସିଲେକ୍‌ଶନ ହୋଇଥିଲା। ନାଟକକୁ ନେଇ ଅନେକ ସ୍ୱପ୍ନ ଦେଖେ। ନାଟକରେ ନୂଆ ପିଲାଙ୍କୁ ନେଇ ରିହରସଲକୁ ଡାକିଥାଏ । ତେବେ ପଥପ୍ରାନ୍ତ ନାଟକ ସମ୍ପର୍କରେ ଏତିକି କହିବି–ପ୍ରାୟ ପୃଥିବୀସାରା ସମସ୍ତେ ଏକ ପ୍ରକାର ବ୍ୟବସ୍ଥାରେ ପଥପ୍ରାନ୍ତ ନାଟକ ଫର୍ମରେ କରନ୍ତି। ଯେମିତି ସାପୁଆକେଳା ପ୍ରଥମେ ଡମ୍ବୁର ବଜାଇ ଲୋକଙ୍କୁ ଆକର୍ଷିତ କରିଥାଏ, ଲୋକଙ୍କ ଭିଡ଼ ଜମିଲେ ସାପଖେଳ ଦେଖାଏ। ସେମିତି ନାଟକରେ ଭାଗ ନେଉଥିବା କଳାକାରମାନେ ଏକାଠି ହୁଅନ୍ତି ବାଜାବଜାଇ ଏବଂ ବିଭିନ୍ନ ପ୍ରଚାର କରି ଦର୍ଶକଙ୍କ ଭିଡ଼ ଜମିଲେ ନାଟକ କରନ୍ତି। କିନ୍ତୁ ମୋର ଷ୍ଟ୍ରିଟ୍ ପ୍ଲେ ବା ପଥପ୍ରାନ୍ତ ନାଟକ ଭିନ୍ନ ଧରଣର ଥିଲା। ନାଟକ ଷ୍ଟ୍ରିଟ୍‌ରେ ହେବ, ଲୋକେ ଜାଣିପାରିବେ ନାହିଁ, ଏଇଟା ନାଟକ ହେଉଛି ବୋଲି । ଷ୍ଟ୍ରିଟ୍‌ରେ ଘଟୁଥିବା ସେଇ ଘଟଣାକୁ ଶେଷଭାଗରେ ଲୋକମାନେ ଜାଣିବେ ଏହା ନାଟକ ହେଉଛି ବୋଲି। ସବୁ ନାଟକର ଶେଷରେ ଆକ୍ଟରମାନେ ଏକ ଗୀତ ଗାଆନ୍ତି ତା’ ପୂର୍ବରୁ ଘଟିଥିବା ଘଟଣା ଉପରେ ନାଟକ ହେଉଥିବାରୁ ଦର୍ଶକମାନେ ଏଥିରେ ସାମିଲ ହୋଇଯାଆନ୍ତି। ୧୯୮୩ ମସିହାର ଘଟଣା। ସେତେବେଳେ ଓଡ଼ିଶାରେ ଟାଉନ୍ ବସର ଭଡ଼ା ଅଧିକ ବଢ଼ିଯିବାରୁ ଭୁବନେଶ୍ୱରର କେତେକ ଛକ ସ୍ଥାନରେ ‘ପ୍ରତିବାଦ’ ନାମକ ଏକ ନାଟକ ପରିବେଷଣ କରିଥିଲୁ। ପୁଣି ସେତେବେଳେ ପାରାଦୀପରେ ଶ୍ରମିକଙ୍କ ଗଣହତ୍ୟାକୁ ନେଇ ପଥପ୍ରାନ୍ତ ନାଟକ ‘ଗଣହତ୍ୟା’ ଚହଳ ସୃଷ୍ଟି କରିଥିଲା। ଏଥିରେ ଯେଉଁ କଳାକାର ପୋଲିସ ଅଭିନୟ କରୁଥିଲେ ସେତେବେଳେ ତାଙ୍କୁ ସତ ପୋଲିସ ଭାବି ଜଣେ ଦର୍ଶକ ତାଙ୍କ ଉପରକୁ ପଥର ଧରି ମାରିବାକୁ ଉଦ୍ୟମ କରିଥିବାର ଜାଣିପାରି ସେଠାରେ ତାଙ୍କୁ ବୁଝାଇ କହିଥିଲି ଯେ ଏଠି ନାଟକ ହେଉଛି। ସେମାନେ କଳାକାର, ସତ ପୋଲିସ ନୁହନ୍ତି। ପୁଣି ଭଦ୍ରକରେ ନାଟକ ଚାଲିଥାଏ, ଜଣେ କଳାକାର ତାଙ୍କ ଅଭିନୟରେ କହି ପକାଇଲେ ପୋଲିସ ଆସିଲା ପୋଲିସ । ସେତିକିବେଳେ ଦର୍ଶକଙ୍କ ଭିଡ଼ ଭିତର ଦେଇ ଅନ୍ୟ ଏକ ଦିଗରୁ ଦୁଇଜଣ ପୋଲିସ ଆସି ଜୋରରେ କହିଉଠିଲେ କିଏ କହିଲା ପୋଲିସ... ପୋଲିସ। ମାତ୍ର ଏତିକିରେ ଘଟଣାରେ ସେଠାର ଉପସ୍ଥିତ ଥିବା ଦର୍ଶକମାନେ ଭୟଭୀତ ହୋଇ ଛତ୍ରଭଙ୍ଗ ଦେଇଥିଲେ। ଯେତେବେଳେ ଏକ ଗୀତ ଶୁଭିଲା, ସେମାନେ ଜାଣିଲେ ଯେ ଏଠି ନାଟକ ଚାଲିଛି । ତା’ପରେ ସେଠାରେ ସତକୁ ସତ ପୋଲିସ ଆସି କହିଲେ ଥାନାକୁ ଚାଲ। ଥାନାରେ ଯାଇ ପହଞ୍ଚିଲୁ। ସେଦିନ ଥାନାରେ ଦିନ ଯାଇ ରାତି ହେଲା, ହେଲେ ଆମକୁ କାହିଁକି ଡକାଇଛନ୍ତି ତା’ର କିଛି ଉତ୍ତର ନ ଦେଇ ଆମକୁ କେବଳ ଅପେକ୍ଷା କରିବାକୁ ବାଧ୍ୟ କରାଯାଇଥିଲା । ଶେଷରେ ବୁଝି ଜାଣିଲୁ ଯେ ପୋଲିସ ପୋଷାକରେ କାହିଁକି ଅଭିନୟ କରୁଥିଲୁ। ଏହାପରେ ସେମାନେ ଆମକୁ ଛାଡ଼ି ଦେଇଥିଲେ। କିନ୍ତୁ ତା’ ପର ଦିନ ସେଇ ଥାନା ଆଗରେ ‘ଗଣହତ୍ୟା’ ପଥପ୍ରାନ୍ତ ନାଟକଟି ପରିବେଷଣ କରିଥିଲୁ।

–ବନବିହାରୀ ବେହେରା










# ମିରର୍ ୱ୍ୱାର୍କ ଜୁଏଲେରୀ



**ମିରର୍ ୱ୍ୱାର୍କ ଜୁଏଲେରୀର ଟ୍ରେଣ୍ଡ ଏବେ ଖୁବ୍ ଦେଖିବାକୁ ମିଳୁଛି । ଟ୍ରାଡିସ୍‌ନାଲ୍ ତଥା ଏଥେନିକ୍ ଆଉଟ୍‌ଫିଟ୍ ସାଙ୍ଗକୁ ଏ ଟାଇପ୍‌ର ଜୁଏଲେରୀ ବେଶ୍ ଭଲ ମାନିଥାଏ । ମୁଖ୍ୟତଃ ଗୋଲ୍ଡେନ୍ ହେଉ ଅବା ସିଲଭର୍ ଅଥବା ଅକ୍ସିଡାଇଜ୍ଡ ଜୁଏଲେରୀ ଉପରେ କରାଯାଉଥିବା ଏହି ମିରର୍ ୱ୍ୱାର୍କ ଜୁଏଲେରୀକୁ ଆକର୍ଷଣୀୟ ଲୁକ୍ ଦେଇଥାଏ । ସେଥିପାଇଁ ଏହାର ଅନେକ ଭେରାଇଟି ଦେଖିବାକୁ ମିଳେ, ଯାହାକୁ ଟ୍ରାଏ କରି ସହଜରେ ଟ୍ରେଣ୍ଡି ଲୁକ୍ ପାଇହୁଏ...**

* **ମିରର୍ ୱ୍ୱାର୍କ ନେକ୍‌ଲେସ୍:** ଏହି ନେକ୍‌ଲେସ୍‌କୁ ସିଲ୍କ ଶାଢି ହେଉ ଅବା ଲେହେଙ୍ଗା ସହିତ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ । ଏହା ସହିତ ଆଖିରେ ଟିକେ ଡିପ୍ ଲାଇନ୍‌ର କାଜଲ ଲଗାଇଲେ ଗର୍ଜିୟସ୍ ଲୁକ୍ ମିଳେ । କେହି କେହି ତ ମିରର୍ ୱ୍ୱାର୍କ ହୋଇଥିବା ମଲ୍ଟି କଲର୍ ନେକ୍‌ଲେସ୍ ବି ପିନ୍ଧୁଥିବା ଦେଖିବାକୁ ମିଳୁଛି । କାରଣ ଏହି ଟାଇପ୍‌ର ନେକ୍‌ଲେସ୍ କ୍ଲାସି ଲୁକ୍ ଦେଇଥାଏ । ସେଥିପାଇଁ ତ ଏହାକୁ ଶାଢି, ଲେହେଙ୍ଗା ହେଉ ଅବା ପ୍ଲେନ୍ ଡିପ୍ ନେକ୍‌ଲାଇନ୍ ଟପ୍ ସହିତ ଆରାମରେ କ୍ୟାରି କରିହୁଏ ।

* **ମିରର୍ ୱ୍ୱାର୍କ ଇୟର୍ ରିଂ:** ସାଧାରଣତଃ ମିରର୍ ୱ୍ୱାର୍କ ହୋଇଥିବା ଇୟର୍ ରିଂ ଅନ୍ୟ ଇୟର୍ ରିଂ ତୁଳନାରେ ଟିକେ ଓଜନିଆ ଲାଗିଥାଏ । କିନ୍ତୁ ଏହା ଚେହେରାକୁ ଆକର୍ଷଣୀୟ ଲୁକ୍ ଦେଇଥାଏ । ବିଶେଷକରି ମିରର୍ ୱ୍ୱାର୍କ ହୋଇଥିବା ଝୁମ୍‌କା ଷ୍ଟାଇଲ୍ ଇୟର୍ ରିଂକୁ ଶାଢି ହେଉ ଅବା ହେଭି ଡିଜାଇନ୍‌ର ଲେହେଙ୍ଗା ସହିତ ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ । ସେହିପରି ଏବେ ତ ମିରର୍ ୱ୍ୱାର୍କର ଚାନ୍ଦବାଲି ଇୟର୍ ରିଂ, ଆଫଗାନି ମିରର୍ ଇୟର୍ ରିଂ, ଷ୍ଟଡ୍ ଡିଜାଇନ୍ ମିରର୍ ୱ୍ୱାର୍କ ଇୟର୍ ରିଂର



ମଧ୍ୟ ଫ୍ୟାଶନ ଦେଖିବାକୁ ମିଳୁଛି ।

* **ମିରର୍ ୱ୍ୱାର୍କ ଚୁଡ଼ି:** ଏହି ଟାଇପ୍‌ର ଚୁଡ଼ି ବି ଖୁବ୍ ସୁନ୍ଦର ଲାଗିଥାଏ ପିନ୍ଧିବାକୁ । ଶାଢି, ଲେହେଙ୍ଗା ହେଉ ଅବା ଅନ୍ୟ ଯେ କୌଣସି ଟ୍ରାଡିସ୍‌ନାଲ୍ ଆଉଟ୍‌ଫିଟ୍ ସହିତ ମିରର୍ ୱ୍ୱାର୍କ ଥିବା ଚୁଡ଼ି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ । ଏହାର ଅନେକ ଭେରାଇଟି ମଧ୍ୟ ଆସେ । ଯେମିତିକି: ସେଟ୍ ଚୁଡ଼ି ଡିଜାଇନ୍, ମୋଟା ମାଟା କଙ୍ଗନ୍ ଡିଜାଇନ୍‌ର ଚୁଡ଼ି ତଥା କଡ଼ା ଡିଜାଇନ୍‌ର ମିରର୍ ୱ୍ୱାର୍କ ଚୁଡ଼ି ଇତ୍ୟାଦି ।

* **ମିରର୍ ୱ୍ୱାର୍କ ମୁଦି:** ହାତର ସୌନ୍ଦର୍ଯ୍ୟ ବଢାଇବାରେ ଚୁଡ଼ି ସହିତ ମୁଦିର ମଧ୍ୟ ଅନେକ ଭୂମିକା ରହିଥାଏ । ଖାସ୍ କରି ମିରର୍ ୱ୍ୱାର୍କ ହୋଇଥିବା ଅକ୍ସିଡାଇଜ୍ଡର ଟିକେ ବଡ଼ ସାଇଜ୍‌ର ଆଡଜେଷ୍ଟବଲ୍ ମୁଦି ହାତ ଆଙ୍ଗୁଠିକୁ ବେଶ୍ ମାନିଥାଏ । ବାହାଘର ହେଉ ଅବା ଏନ୍‌ଗେଜ୍‌ମେଣ୍ଟ ପାର୍ଟି ଅଥବା କୌଣସି ଫ୍ୟାମିଲି ଫଙ୍କସନ୍‌ରେ ପିନ୍ଧିବା ପାଇଁ ଏହି ଟାଇପ୍‌ର ମୁଦିକୁ ଆରାମରେ ଟ୍ରାଏ କରାଯାଇପାରେ ।

## କିଛି ଜରୁରୀ ଟିପ୍ସ

- ମିରର୍ ୱ୍ୱାର୍କ ଜୁଏଲେରୀକୁ ଖୁବ୍ ଯତ୍ନର ସହ କ୍ୟାରି କରିବା ଦରକାର । ଟିକେ ଅନ୍ୟ ମନସ୍କ ହେଲେ ଏହା କେଉଁଠି ମାଡ଼ ହୋଇ ସେଥିରେ ଲାଗିଥିବା ଛୋଟ ଛୋଟ ମିରର୍‌ଗୁଡ଼ିକ ଖସି ଯିବାର ସମ୍ଭାବନା ଥାଏ ।
- ଜିମ୍ ବା ସ୍ୱାରେ ଥିବା ସମୟରେ ଏହି ଜୁଏଲେରୀ ପିନ୍ଧିବା ଠିକ୍ ନୁହେଁ ।
- ଏହି ଟାଇପ୍‌ର ଜୁଏଲେରୀକୁ କୌଣସି ପ୍ରକାରର ଲୋଶନ୍, ପରଫ୍ୟୁମ୍ ଅଥବା ପାଣି ସଂସ୍ପର୍ଶରେ ଆଣିବା ମଧ୍ୟ ଉଚିତ୍ ନୁହେଁ ।








# ପ୍ରତିଭାର ଉଜ୍ଜ୍ୱଳ ପ୍ରଦୀପ

**ସେ ହିଁ ଶିକ୍ଷକ, ଯିଏ ଶିକ୍ଷାଦାନ କରିବା ପ୍ରକ୍ରିୟାରେ ନିଜକୁ ଅହରହ ଗଢ଼ି ଚାଲିଥାଏ । ସର୍ଜନାର ଏହି ପ୍ରକ୍ରିୟାରେ ସେ ଜଣେ ଲୋକପ୍ରିୟ ଶିକ୍ଷକ, ସାହିତ୍ୟିକ, ସଂସ୍କୃତି ସଂରକ୍ଷକ ଓ ଧୁରୀଣ ଗବେଷକ ଡ. ପ୍ରଦୀପ କୁମାର ମିଶ୍ର**





**ଶି**କ୍ଷା ତାହା, ଯାହା ମଣିଷକୁ ପୂର୍ଣ୍ଣାଙ୍ଗ ରୂପେ ଗଢ଼ିତୋଳେ। ସେ ହିଁ ଶିକ୍ଷକ, ଯିଏ ଶିକ୍ଷାଦାନ କରିବା ପ୍ରକ୍ରିୟାରେ ନିଜକୁ ଅହରହ ଗଢ଼ି ଚାଲିଥାଏ । ସର୍ଜନାର ଏହି ପ୍ରକ୍ରିୟାରେ ସେ ହୁଅନ୍ତି ଲୋକପ୍ରିୟ ପ୍ରଧାନ ଶିକ୍ଷକ, ସାହିତ୍ୟିକ, ସଂସ୍କୃତି ସଂରକ୍ଷକ ଓ ଧୁରୀଣ ଗବେଷକ । ବିଦ୍ୟାଳୟ ପ୍ରଶାସନ ଓ ପରିଚାଳନା କ୍ଷେତ୍ରରେ ତାଙ୍କର ଦକ୍ଷତା ଯେତିକି ଦୃଢ଼ ସେତିକି କୋମଳ ସେ ଶିକ୍ଷାର୍ଥୀଙ୍କ ସହ ଶୈକ୍ଷିକ ଭାବବିନିମୟ ଓ ବ୍ୟକ୍ତିଗତ ଆଦର ଯତ୍ନରେ । ବିଜ୍ଞାନରେ ସ୍ନାତକୋତ୍ତର କରିଥିବା ଏହି ବ୍ୟକ୍ତିତ୍ୱ ବିଶେଷ କଳା ବିଭାଗରେ ବି ଆପଣା ନିଷ୍ଠା ଓ ଆଗ୍ରହରେ ଛଅ ଛଅଗୋଟି ସ୍ନାତକୋତ୍ତର ଡିଗ୍ରି ହାସଲ କରିଛନ୍ତି । ବିସ୍ମିତ ହେବାକୁ ହୁଏ ଯେ ବିଜ୍ଞାନ କ୍ଷେତ୍ରରୁ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରକୁ ଆସି ସେ ବିଶ୍ୱବିଦ୍ୟାଳୟରେ ତାଙ୍କ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟରେ ସର୍ବୋଚ୍ଚ ସ୍ଥାନ ହାସଲ କରିଛନ୍ତି । ସେ ଆଉ କେହି ନୁହନ୍ତି କୋରାପୁଟ, ଉମରକୋଟର ସୁଯୋଗ୍ୟ ସନ୍ତାନ **ଡ. ପ୍ରଦୀପ କୁମାର ମିଶ୍ର** । ଶହେରୁ ଊର୍ଦ୍ଧ୍ୱ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ, ଆଲୋଚନା ଚକ୍ରରେ ସ୍ୱରଚିତ ସନ୍ଦର୍ଭ ଉପସ୍ଥାପନ କରି ଓଡ଼ିଶା ପାଇଁ ପ୍ରଶଂସା ସାଉଁଟିଥିବା ପ୍ରଦୀପଙ୍କ

ଗଳ୍ପ ସଂକଳନ ଅନ୍ତୁ ସ୍ୱର୍ଗଦ୍ୱାର, ଅସ୍ତ ସୂର୍ଯ୍ୟର ରଙ୍ଗ, କବିତା ସଙ୍କଳନ ଆହତ ସ୍ୱପ୍ନ, ସ୍ମୃତି ହାତ ଠାରି ଡାକେ, ଆମ ସମୟର କବିତା(ମିଳିତ), ଲୋହିତ ଆକାଶ, ନୀଳତୃଷ୍ଣାର କବିତା । ଶିଶୁ କବିତା ସଙ୍କଳନ ଭିତରେ ବିବେକ ଶିଶୁ ଗୀତିମାଳା, ସବୁଜ ମନ, ଟିଂକିଗୀତ ଟିଂକିମିତ, ଏକପଦୀ କବିତା ସଙ୍କଳନ କେତେ ତାରା ଫୁଲ ଫୁଟେ, ଇଂଲିଶ କବିତା ସଂକଳନ ବେକନ ଲାଇଟ, ପ୍ରବନ୍ଧ ସଂକଳନ ମନୀଷାର ମୁଖଶାଳା, ଚନ୍ଦନ ବନର ସ୍ମୃତି, ଅବିଭକ୍ତ କୋରାପୁଟ ଜିଲାର ସାହିତ୍ୟ ଓ ସଂସ୍କୃତି, ପିଲାଙ୍କ ପାଇଁ ଅନେକ ପ୍ରଶ୍ନର ଉତ୍ତର ସଂକଳନ 'ସାଇ ସ୍ୱଚରିତ ପ୍ରଶ୍ନୋତ୍ତର', ପ୍ରେରଣାଦାୟୀ ଉଦ୍ଧୃତିର ଏକ ସୁନ୍ଦର ସଂକଳନ ଭଳି ଅନେକ ପୁସ୍ତକକୁ ସେ ଭେଟି ଦେଇ ସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତି । ସମ୍ପାଦନା କ୍ଷେତ୍ରରେ ପାଦ ଦେଇ ସେ ମୌସୁମୀ(୧୯୯୬-୨୦୦୮) , ସମର୍ପଣ(୧୯୯୮-୨୦୧୦), ମହକ(୨୦୧୦), ସାରସ୍ୱତ(ବର୍ତ୍ତମାନ)ରେ ନିଜର ସମ୍ପାଦକୀୟ ଦୃଷ୍ଟିଭଙ୍ଗୀକୁ ସୁନ୍ଦର ଭାବରେ ପ୍ରତିଫଳିତ କରିଛନ୍ତି ।

୨୦୦୪ ମସିହାରେ ସୌରାଷ୍ଟ୍ର ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିଭାଗର ଅନ୍ତର୍ଜାତୀୟ ସମ୍ମିଳନୀରେ ଭାଗ ନେଇ ସେ ପାଇଛନ୍ତି ଶ୍ରେଷ୍ଠ ଯୁବ ଗବେଷକର ସମ୍ମାନ। ସେହି ବର୍ଷ ଏନ୍‌ସିଇଆର୍‌ଟି ନୂଆଦିଲ୍ଲୀରୁ ଜାତୀୟ ପୁରସ୍କାର, ପରବର୍ତ୍ତୀ ସମୟରେ କୃଷି ବିଜ୍ଞାନୀ ପ୍ରଫେସର ଏମ୍‌ଏସ୍ ସ୍ୱାମୀନାଥନଙ୍କଠାରୁ ଏନ୍‌ଭିଏ ଫେଲୋଶିପ, ୨୦୦୭ରେ ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଯଶପାଲଙ୍କ ଦ୍ୱାରା ସେ ବିଜ୍ଞାନ ବିଷୟକ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ । ଶିକ୍ଷାକ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଶିକ୍ଷା ଓ ଗଣମାଧ୍ୟମ ବିଭାଗ ତରଫରୁ ୨୦୧୩ରେ ମୁଖ୍ୟମନ୍ତ୍ରୀଙ୍କଠାରୁ ରାଜ୍ୟ ସମ୍ମାନ ଏବଂ ୨୦୧୫ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଶିକ୍ଷକତା ପାଇଁ ଜାତୀୟ ସମ୍ମାନ ହାସଲ କରି ଓଡ଼ିଶାର ଶିକ୍ଷା ଜଗତର ଗୌରବ ବୃଦ୍ଧି କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ବିଜ୍ଞାନ ପାଇଁ ଜାତୀୟ ସ୍ତରରେ ୨୦୦୪ରୁ ୨୦୧୫ ଭିତରେ ୮ଥର ଜାତୀୟ ଶିକ୍ଷକ ବିଜ୍ଞାନ କଂଗ୍ରେସରେ ଯୋଗଦାନ ସହ ମେଡାଲ ହାସଲ କରିଥିବା ପ୍ରଦୀପ ନିଜ ପ୍ରତିଭାର ବିଭିନ୍ନ ବିଭାବ ସକାଶେ ପଣ୍ଡିତ ହରିହର ସ୍ମୃତି ସମ୍ମାନ, ଅଂକୁର ସମ୍ମାନ, ପ୍ରବନ୍ଧ ପାଇଁ ନବରଙ୍ଗପୁର ପ୍ରଥମ ପୁସ୍ତକ ପ୍ରଦର୍ଶନୀ ପୁରସ୍କାର, ପ୍ରଥମ ଉମରକୋଟ ଶିକ୍ଷା ଜିଲାରୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନ, ପ୍ରଗତିବାଦୀ ପ୍ରତିଭା ସମ୍ମାନ , ସର୍ବାଣୀ ସାହିତ୍ୟ ସମ୍ମାନ, ଏନ୍‌ସିଏସ୍‌ସି ରାଜ୍ୟ ପୁରସ୍କାର, ପୂଜ୍ୟପୂଜା ସମ୍ମାନ, ସୁଲେଖା ସାହିତ୍ୟ ସମ୍ମାନ, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସମ୍ମାନ, ସ୍ମୃତିଲିପି ସମ୍ମାନ, ବେଦବ୍ୟାସ ସମ୍ମାନ, କଳିଙ୍ଗ ଶିକ୍ଷା ସମ୍ମାନ, କୋରାପୁଟରୁ ପରବ ସମ୍ମାନ, ନବରଙ୍ଗପୁରରୁ ମଣ୍ଡେଇ ସମ୍ମାନ, ଜୟପୁର ଗୌରବ ସମ୍ମାନ, ମନସ୍ୱିନୀ କବିତା ସମ୍ମାନ, ପ୍ରଥମ ଉତ୍କଳ ଆଭା ସମ୍ମାନ, ନୀଳ ସରସ୍ୱତୀ ସମ୍ମାନ, ପ୍ରକୃତିବନ୍ଧୁ ସମ୍ମାନ, ଗୁରୁକୃପା ସମ୍ମାନ, ନିଗମାନନ୍ଦ କବି ପ୍ରତିଭା ସମ୍ମାନ ପ୍ରଭୃତି ଅନେକ ମାନସମ୍ମାନ ପ୍ରାପ୍ତ ହୋଇ ବିଭିନ୍ନ ସମ୍ଭାବନା ପ୍ରସ୍ଫୁଟନ କରିଛନ୍ତି । ସମୟକୁ ସାମଗ୍ରିକ ଭାବରେ ବିନିଯୋଗ କରି ଡ. ପ୍ରଦୀପ କୁମାର ମିଶ୍ର ଶିକ୍ଷକତା ସହ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ଭାବରେ କାମ କରୁଛନ୍ତି । ଯାହା ତାଙ୍କୁ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରୀ କରିପାରିଛି ।

*– **ମାନମୟୀ ରଥ,** ସେଣ୍ଟ ଜାଭିୟର୍ସ କିଡ୍ସ,*
*ବାଲିପୁଟ, ପୁରୀ, ମୋ: ୭୯୭୮୫୭୯୩୯୯*







# ଦେବୀଙ୍କ ଋଣ





– ତପସ୍ୱିନୀ ଦାଶ ଷଡଙ୍ଗୀ





**ଛିଃ**.. କୁଆଡୁ ଆସନ୍ତି ଏମିତି ଅପରିଷ୍କାର ଲୋକଗୁଡାକ କେଜାଣି ? ଧଡ଼୍ କରି ଝରକା ବନ୍ଦ କରି କହିଲା ସଞ୍ଜନା ।

ସଞ୍ଜନାଙ୍କ ଏମିତି ହାବଭାବ ଦେଖି ସ୍ୱାମୀ ପ୍ରତ୍ୟୁଷ ପଚାରିଲେ, କ'ଣ ଡାର୍ଲିଂ ସକାଳୁ ସକାଳୁ ଝରକା ଖୋଲିବା ପରିବର୍ତ୍ତେ ତୁମେ ଝରକା ଦେଇଦେଲ ? ତାଜା ପବନ ଭଲ ଲାଗୁନି ନା ସୂର୍ଯ୍ୟ କିରଣ ?

–ନାଇଁ ମ..।

ଏଇ କିଛି ଦିନ ହେଲା ମୁଁ ଲକ୍ଷ୍ୟ କରୁଛି ଅସନା ସ୍ତ୍ରୀ ଲୋକଟିଏ ସବୁ ଦିନ ଆମ ଏ ଝରକା ପଟ କାନ୍ଥ ବାଡ଼କୁ ଲାଗିକରି ଗୋଟେ ଲୟରେ ଆମ ଘରକୁ ଚାହିଁ ରହୁଛି ।

ଆଜି ଦେଖୁନ ସକାଳୁ କେମିତି ଆସି ଠିଆ ହେଇଗଲାଣି ।

ସଞ୍ଜନା କହିଲା ।

–ତୁମେ ସେ ସବୁକୁ ନଜର ଦିଅନି ।

ପାଗଳିଟିଏ ହେଇଥିବ ।

ଏମିତି କହି ପ୍ରତ୍ୟୁଷ ତାଙ୍କ କାମରେ ବାହାରକୁ ଚାଲିଗଲେ ।

ତା' ପର ଦିନ ସଞ୍ଜନା ଘର ପାଖ ଛକ ପାଖରୁ ତା' ତିନି–ଚାରି ବର୍ଷର ପୁଅ ଡିଡୁଲକୁ ସ୍କୁଲ୍ ଭ୍ୟାନରୁ ଆଣିକି ଆସୁଥିବା ସମୟରେ ସେ ସ୍ତ୍ରୀ ଲୋକଟି ହଠାତ୍ ଡିଡୁଲର ହାତକୁ ଟାଣି ତାକୁ ଗେଲ କରି ପକେଇଲା।

ଏସବୁ ଦେଖି କେଉଁ ମାଆ ବା ସହିଥାଆନ୍ତା ! ମନ ଇଚ୍ଛା ଗାଳି କରିବାକୁ ଲାଗିଲା ସଞ୍ଜନା ।

ହେଲେ ଆଶ୍ଚର୍ଯ୍ୟ କଥା ସେ ସ୍ତ୍ରୀ ଲୋକଟି କିଛି ନକହି ସ୍ମିତ ହସଟେ ଦେଇ ରାସ୍ତା ଆରକଡକୁ ପଳେଇଲା।

ଆଜିକାଲିକା ପିଲା ଖାଇବା ପାଇଁ ଯାହା ନାକେଦମ୍ କରନ୍ତି ଠିକ୍ ସେମିତି ଡିଡୁଲ୍ ଘର ଚାରିଆଡ଼ ଦଉଡୁଥାଏ। ତା' ପଛରେ ବିରକ୍ତ ହେଇ ବାରପ୍ରକାର ବାହାନା ଦେଖେଇ ତା'ପରେ ଦିନେ ଦଉଡୁଥାଏ ସଞ୍ଜନା ।

ହଠାତ୍ ଡିଡୁଲ୍ ବାହାର ଅଗଣାର ଫୁଲକୁଣ୍ଡକୁ ଝୁଣ୍ଟି ପଡିଗଲା ।

ଡିଡୁଲ୍ ପଡ଼ିଯିବା ଦେଖି ଗେଟ୍ ଆରପାଖରୁ ସେଇ ସ୍ତ୍ରୀ ଲୋକଟି ଗେଟ୍ ଖୋଲି ତୁରନ୍ତ ଆସି ଡିଡୁଲକୁ ଉଠେଇ ନେଇ ତା' ଗୋଡ଼ରେ ଆଞ୍ଚୁଡି ହେଇ ରକ୍ତ ବାହାରୁଥିବା ଦେଖି ଆଉଁଷି ପକେଇ ବୋଧ ଦେବାକୁ ଲାଗିପଡ଼ିଲା ।

ଏସବୁ ଦେଖି ସଞ୍ଜନାର ରାଗ ଦଶଗୁଣ ।

ଡାହଣୀ କି ପିଶାଚୁଣୀ ବୋଧେ ।

ପୁଅ ଉପରେ ଖରାପ ନଜର ପକଉଛି ।

ସିକ୍ୟୁରିଟିକୁ ଡାକି ଉତ୍ତମ ମଧ୍ୟମ ଦେଇ ହତାରୁ ବାହାର କର ବୋଲି ଚିତ୍କାର କରି କହି ସଞ୍ଜନା ପୁଅକୁ ଧରି ଘର କବାଟ ବନ୍ଦ କରିଦେଲା ।

ସ୍ତ୍ରୀ ଲୋକଟି ଆଖିରୁ କେବଳ ଦୁଇଧାର ଲୁହ ଗଡ଼େଇ ପାରିଲା ।

ଏଇ ଭିତରେ ମାସେ ବିତିଯାଇଛି।

ସେବେ ଠାରୁ ସେ ସ୍ତ୍ରୀ ଲୋକ ଘର ଆଖପାଖରେ ଦିଶୁନି ।

ଯାହା ହେଉ ଭଲ ହେଇଛି ପିଲା ଚୋରଣୀ ବୋଧେ ଥିଲା ।

ପ୍ରତ୍ୟୁଷଙ୍କୁ ଆଶ୍ୱସ୍ତ ହେଇ କହୁଥିଲା ସଞ୍ଜନା ।

ପ୍ରତ୍ୟୁଷ ବି ବୁଝୁଥିଲେ ସଞ୍ଜନାକୁ ।

ଯାହା ହେଲେ ବି ବାହାଘରର ଆଠ ବର୍ଷ ପରେ ବହୁ ପ୍ରକାର ଚେଷ୍ଟା କରି ଆଇଭିଏଫ୍ ପଦ୍ଧତିରେ ପୁଅଟିଏ ବଡ଼ କଷ୍ଟରେ ହେଇଛି ।

ସେଥିପାଇଁ ପୁଅ ସକାଶେ ସଞ୍ଜନା ଆବଶ୍ୟକତା ଠାରୁ ଅଧିକ ପୋଜେସିଭ।

ହେଲେ ଆଜି ହଠାତ !

ଡିଡୁଲକୁ ନେଇ ଉଭୟେ ଘର ଠାରୁ ତିନି ଚାରି କିଲୋମିଟର ଦୂର ପାର୍କକୁ ଯାଇଥାଆନ୍ତି।

ଫେରିଲା ସମୟରେ ଗାଡ଼ି ରଖି ଘର ପାଇଁ ପରିବା କିଣିଲା ସମୟରେ ସ୍କୁଟିର ଆଗରେ ଠିଆ ହେଇଥିବା ଡିଡୁଲ୍ ସ୍କୁଟିର ଚାବି ଅନ୍ ଥିବା ଦେଖି ଏକ୍ସିଲେଟର୍ ମୋଡ଼ି ଦେବାରୁ ସଞ୍ଜନା ଓ ପ୍ରତ୍ୟୁଷ କିଛି କରିବା ଆଗରୁ ସ୍କୁଟି ତୀବ୍ର ବେଗରେ ଗଡିବାକୁ ଲାଗିଲା ।

ସେହି ସ୍ତ୍ରୀ ଲୋକଟି ଦ୍ରୁତ ଗତିରେ ସ୍କୁଟି ସାମ୍ନାକୁ ଆସି ପୁଅକୁ ଝିଙ୍କି ନେଇ ରାସ୍ତାରେ ପଡିଗଲା ।

ଅଳ୍ପ ଖଣ୍ଡିଆ ପୁଅ ।

ଗୁରୁତର ଆହତ ସ୍ତ୍ରୀଲୋକଟି ତା'କୁ ରକ୍ଷା କରିବାକୁ ଯାଇ ।

ଲୋକ ଗହଳିରେ କଥା ଉଠୁଥିଲା ବିଚାରି ବର୍ଷକ ତଳେ ଟ୍ରକ୍ ଧକ୍କାରେ ନିଜ ପୁଅକୁ ହରେଇ ମୂକ ପାଲଟି ଯାଇଥିଲା ।

ଆଉ ଆଜି କାହା ପୁଅକୁ ରକ୍ଷା କରିବାକୁ ଯାଇ ନିଜେ ନିଜ ଜୀବନ ବାଜି ଲଗେଇ ଦେଲା ।

ଲୁହ ଓ ଅନୁତାପ ଭର୍ତ୍ତି ଆଖିରେ ପ୍ରତ୍ୟୁଷର ଛାତିରେ ଲୋଟିଗଲା ସଞ୍ଜନା ।

ପ୍ଲିଜ ବଞ୍ଚେଇ ଦିଅ ସେ ଦେବୀକୁ ।

ଯେତେ ଖର୍ଚ୍ଚ ହେଉ ପଛେ ଦିଅ ।

ଏହି ଋଣ ପରିଶୋଧ କରି ହେବନି ....।

–ବାଙ୍ଗାଲୋର
ମୋ: ୮୪୩୧୩୦୯୩୦୪

# ପ୍ରେମ

–ସୁସ୍ମିତା ବେହେରା

ଏକ କୁହୁକ ପେଡି...

ନିଜକୁ ଅଧାଜଳା ଆକାଂକ୍ଷାରେ
ଥରକୁ ଥର ଡେଣା କଅଁଳେ ।

ପଚାରି ପାର
ଏହା ଶିହରଣ ନା ଯନ୍ତ୍ରଣା–
ଗୋଟିଏ ଆବେଗରେ ବଞ୍ଚିହୁଏ
ତମାମ ଜୀବନ ଉନ୍ମତ୍ତ ହୋଇ
ନିର୍ଲିପ୍ତ ମୁଁ ନୁହେଁ.... ।


ଚିହ୍ନା ହେଲ ରାସ୍ତା ମଝିରେ
ଯେତେବେଳେ ମୁଁ ପିନ୍ଧି ସାରିଥିଲି
ଆଉ ଏକ ରୂପ
ଦୁଇଟି ଚିରସ୍ରୋତା ନଦୀ
ଶୁଖି ଗଲା ପରେ ।

ତମେ ଏକ ବ୍ୟଗ୍ର ଆଶ୍ଲେଷ
ବିମୁଗ୍ଧ ସଙ୍ଗୀତ
ବିତର୍କିତ ଅନୁଶୋଚନା
ଆଉ ପରିମାର୍ଜିତ ପଦକ୍ଷେପ

ତମ ପ୍ରାର୍ଥନାର ଅଞ୍ଜୁଳାରେ
ମୁଁ ଏକ ଅପୂଜିତ ପୁଷ୍ପ
ଅଞ୍ଜୁଳାରୁ ଖସି ପଡୁଥିବା
ବୁନ୍ଦା ବୁନ୍ଦା ଜଳ
ମୋ ଦେହରୁ ହୁଏତ
ଧୋଇ ଦେଇ ପାରେ
ବେସ କିଛି ଅଭିସମ୍ପାତ ।

ମୁଁ ନିଶ୍ଚିତ ନୁହେଁ...
ଜନ୍ମାନ୍ତର ସମ୍ପର୍କରେ
କେବଳ ଈଶ୍ୱରଙ୍କୁ
ଦାୟୀ କରିବିନି ବୋଲି
ଭାବିନେଲି ତମେହିଁ ଈଶ୍ୱର ।

–ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ, ଗଞ୍ଜାମ
ମୋ: ୭୮୯୪୧୦୪୪୯୪



# ଡେଟ୍ ପ୍ରୋବଲେମ୍

ତାରା ସୁଟାରିଆ ଏବେ ଦୋଛକିରେ ପଡିଛନ୍ତି । ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ । ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ । ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ପୁଣି ଥରେ ନିଜ ନିଷ୍ପତ୍ତିକୁ ନେଇ ବଦଳାଇଲେ । କଥା କ'ଣ କି ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ସେ ପ୍ରଥମେ ରାଜି ହୋଇଥିଲେ । କିନ୍ତୁ ପରେ କ'ଣ ହେଲା କେଜାଣି ସେ ଏହି ୱେବ୍ ସିରିଜ୍‌କୁ ହାତଛଡା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଆଲୋଚନା ହେଉଛି । ଏ ବିଷୟରେ ତାରା କହନ୍ତି, ''ଏହି ୱେବ୍ ସିରିଜ୍‌ର ଶୁଟିଂ ପାଇଁ ମୋ ପାଖରେ ଏବେ ସମୟ ନାହିଁ । ଡେଟ୍ ପ୍ରୋବ୍ଲେମ ପାଇଁ ମୁଁ ଏହାର ଶୁଟିଂ ଘୁଞ୍ଚାଇବାକୁ ପ୍ରସ୍ତାବ ଦେଇଛି । ଯେହେତୁ କଥା ଦେଇଛି ନିଶ୍ଚୟ ଅଭିନୟ କରିବି । ହେଲେ ଏଥିପାଇଁ ମୋତେ କିଛି ସପ୍ତାହ ଦରକାର । ତା' ଭିତରେ ମୁଁ ମୋର ଅବଶିଷ୍ଟ କାମ ଶେଷ କରି ଏହାର ଶୁଟିଂ ପାଇଁ ସମୟ ବାହାର କରିବି । ହେଲେ ମୁଁ ଏହି ସିରିଜ୍‌ରୁ ଓହରି ଯାଇଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ମିଛ ।''



ତାରା



ସାନ୍ୟା



ୟାମି

# ଇଚ୍ଛା ଥିଲା ଆଇଏଏସ୍

ପାଠ ପଢ଼ିବା ସମୟରେ ୟାମି ପ୍ରଥମେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ । ହେଲେ ତାହା ସମ୍ଭବ ହୋଇ ନ ଥିଲା । ପରବର୍ତ୍ତୀ ସମୟରେ ସେ ଓକିଲାତି କରିବାକୁ ବି ଅଣ୍ଟା ଭିଡିଥିଲେ । ହେଲେ ତାହା ମଧ୍ୟ ଫୁସୁରି ଯାଇଥିଲା । ଆଉ ଶେଷକୁ ଅଭିନୟକୁ ଆଦରି ନେବାକୁ ନିଷ୍ପତ୍ତି ନେଇଥିଲେ ଏହି ଅଭିନେତ୍ରୀ । ଏ ନେଇ ୟାମି କହନ୍ତି, 'ପାଠ ପଢ଼ିବା ସମୟରେ ସମସ୍ତଙ୍କର କିଛି ନା କିଛି ସ୍ୱପ୍ନ ଥାଏ । ମୁଁ ବା ସେଥିରୁ ବାଦ୍ ପଡିଥାନ୍ତି କିପରି ? ହେଲେ ମୋର ଏହି ଦୁଇଟି ଆଶା ଭିତରୁ ଗୋଟିଏ ହେଲେ ପୂରଣ ହୋଇ ନ ଥିଲା । ଏବେ ତ ମୁଁ ଅଭିନୟ ସହ ଜଡିତ । ତଥାପି ବେଳେବେଳେ ମୋର ସେହି ଆଶା ଦୁଇଟି କଥା ମନେ ପଡିଯାଏ ।' ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ । 'ଚାନ୍ଦ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ । କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା । ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲାୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି । ୟାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡିକ ହେଲା–'କାବିଲ', 'ଉରି–ଦ ସର୍ଜିକାଲ୍ ଷ୍ଟ୍ରାଇକ୍', 'ଭିକି ଡୋନର', 'ଆକ୍ସନ ଜ୍ୟାକସନ', 'ବଦଲାପୁର', 'ସନମ୍ ରେ', 'ସରକାର–୩', 'ବାଲା', 'ଭୂତ ପୋଲିସ୍' ଏବଂ 'ଏ ଥର୍ସ ଡେ' । ଚଳିତ ବର୍ଷ ତାଙ୍କ ଅଭିନୀତ ରିଲିଜ ହୋଇଥିବା ଫିଲ୍ମଦ୍ୱୟ ହେଲା 'ଲଷ୍ଟ' ଏବଂ 'ଓ ମାଇଁ ଗଡ୍–୨' ।

# ସାନ୍ୟା ଓ ମେକ୍‌ଅପ୍ କିଟ୍

ସାନ୍ୟା ମଲହୋତ୍ରା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥା ନେବାକୁ ଆଦୌ ଭୁଲି ନ ଥାନ୍ତି । ସେ ଜିନିଷଟି କ'ଣ ଜାଣିବେନି ? ମେକ୍‌ଅପ୍ କିଟ୍ । ସାନ୍ୟା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ଯେମିତି ହେଉ ମେକ୍‌ଅପ୍ କିଟ୍ ନେଇଯାଆନ୍ତି । ଏ ନେଇ ସାନ୍ୟା କହନ୍ତି, 'ଶୁଟିଂ ସେଟ୍‌ରେ ମୁଁ ସବୁବେଳେ ନିଜ ମେକ୍‌ଅପ୍ କିଟ୍ ବ୍ୟବହାର କରିଥାଏ । ତେଣୁ ଶୁଟିଂକୁ ଯିବା ପୂର୍ବରୁ ଏହାକୁ ସାଙ୍ଗରେ ନେବାକୁ ଆଦୌ ଭୁଲି ନ ଥାଏ । ପାଠ ପଢ଼ିବା ସମୟରେ ମୋର ଇଚ୍ଛା ଥିଲା ଡାକ୍ତର ହେବାକୁ । ହେଲେ ତାହା ସମ୍ଭବ ହୋଇପାରିଲା ନାହିଁ । ସେ ନେଇ ମୋର ଅନୁଶୋଚନା କରିବାର ମଧ୍ୟ ନାହିଁ ।' ଆମିର ଖାନ୍‌ଙ୍କ ଅଭିନୀତ ହିଟ୍ ଫିଲ୍ମ 'ଦଙ୍ଗଲ୍'ରେ ତାଙ୍କୁ ବ୍ରେକ୍ ମିଳିଥିଲା । ସାନ୍ୟା ନନ୍–ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି । ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି ।



ମୃଣାଳ

# କଳାପାହାଡ



ଚନ୍ଦନ କର

ଇତିହାସର ପୃଷ୍ଠା ଲେଉଟାଇଲେ କଳାପାହାଡର ଛାତିଥରା କାର୍ଯ୍ୟ ଆଖି ସାମ୍ନାକୁ ଆସିଥାଏ । ସେ କେତେ ଯେ ମନ୍ଦିରକୁ ଛାରଖାର କରିଦେଇଛି ତାହାର ହିସାବ ନାହିଁ । ଏଭଳି ବ୍ୟକ୍ତିଙ୍କର ଜୀବନୀକୁ ନେଇ ନିର୍ମିତ ହେଉଛି ଓଡ଼ିଆ ସିନେମା 'କଳାପାହାଡ' । ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଚନ୍ଦନ କର । ଏହି ଭୂମିକା ପାଇଁ ତାଙ୍କୁ ଲଣ୍ଡା ହେବାକୁ ପଡିଛି । ତା'ସହ ଦାଢ଼ି ମଧ୍ୟ ବଢ଼ାଇଛନ୍ତି । ଏସଡିଡି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଉକ୍ତ ଫିଲ୍ମର ଶୁଟିଂ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି । ଚିତ୍ରତ୍ତୋଳନ ସହ ପ୍ରଯୋଜନା କରିଛନ୍ତି ପ୍ରଦୀପ ସାହୁ । ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବି. ଶ୍ରୀବତ୍ସ । ଫିଲ୍ମର କ୍ରିଏଟିଭ ନିର୍ଦ୍ଦେଶକ ଅଛନ୍ତି ଦେବାଶିଷ ଜେନା । ଗୀତ ସହ ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ । ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର । ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଚନ୍ଦନଙ୍କ ବ୍ୟତୀତ ସ୍ନିଗ୍ଧା ମହାନ୍ତି, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ (ଛତିଶଗଡ), ଅଭିନବ ସିଂ, ଶ୍ରୀକୁମାର ଜେନା ଏବଂ ପବିତ୍ର ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଏବେ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ରିଲିଜ ଡେଟ୍ ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।

# ଚର୍ଚ୍ଚାରେ ମୃଣାଳ

ଟେନସନ୍ ସତେଯେମିତି ମୃଣାଳ ଠାକୁରଙ୍କ ପିଛା ଛାଡିବାକୁ ନାରାଜ । ଦେଖୁନାହାନ୍ତି, ମାଇଣ୍ଡ ଫ୍ରେସ୍ କରିବାକୁ ସେ ଲଣ୍ଡନ ଯାଇଛନ୍ତି, ହେଲେ ସେଠି ବି ତାଙ୍କୁ ନେଇ ଆଲୋଚନା ଥମିବାର ନାଁ ନେଉନାହିଁ । ତାହାର କାରଣ କ'ଣ ଜାଣନ୍ତି ? ତାହା ହେଲା ବିକିନି । କଥା କ'ଣ କି ସେଠାରେ ସେ ବୁଲିବା ସହ ବିକିନି ପିନ୍ଧି କିଛି ଫଟୋ ଶୁଟ୍ କରିଛନ୍ତି । କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି । ଏ ସମ୍ପର୍କରେ ସଫେଇ ଦେଇ ମୃଣାଳ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି । କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି । ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ । କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି । ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି ।' ମୃଣାଳଙ୍କ ହାତରେ ଏବେ ବ୍ୟାକ୍–ଟୁ–ବ୍ୟାକ୍ ତିନୋଟି ଅଫର ରହିଛି ।

# ସମୟ ମିଳିଲେ...

ଜ୍ୟାକଲିନ୍ ଫର୍ନାଣ୍ଡିସ୍‌ଙ୍କୁ ଯେତେବେଳ ଅବସର ମିଳେ ସେତେବେଳେ ସେ କ'ଣ କରନ୍ତି ? ନିଶ୍ଚୟ ପରିବାର ସଦସ୍ୟଙ୍କ ସହ ସମୟ କାଟୁଥିବେ, ନ ହେଲେ ଶପିଂ କରୁଥିବେ କିମ୍ବା ସାଙ୍ଗମାନଙ୍କ ସହ ଖଟିରେ ବ୍ୟସ୍ତ ଥିବେ । ହେଲେ ଅସଲ କଥା ସେଇଆ ନୁହେଁ । ଅବସର ମିଳିବା ମାତ୍ରେ ସେ କୁଆଡେ ଯାଆନ୍ତି ଜାଣନ୍ତି ? ତାଙ୍କର ମିନି ଚିଡିଆଖାନାକୁ । ସେଠାରେ ସେ ବିଭିନ୍ନ ପ୍ରକାର ପଶୁପକ୍ଷୀ ପାଳିଛନ୍ତି । ଏ ନେଇ ଜ୍ୟାକଲିନ୍ କହନ୍ତି, 'ପଶୁପକ୍ଷୀଙ୍କ ସହ ମୁଁ ପିଲାଟି ଦିନରୁ ଜଡିତ । ଥରେ ଏମାନଙ୍କର ସୁରକ୍ଷା ପାଇଁ ଏକ ଆଲୋଚନାରେ ଅଂଶଗ୍ରହଣ କରିଥିଲି । ତା'ପରଠାରୁ ମୁଁ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ ରଖିଛି । ଘରେ କିଛି ପଶୁପକ୍ଷୀ ପାଳିଛି । ସେମାନଙ୍କର ଯତ୍ନ ନେଉଛି । ସେମାନଙ୍କ ସହ ମିଶିଲେ ମୋତେ ଯେତିକି ଖୁସି ଲାଗେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ ।' ଜ୍ୟାକଲିନ୍ ଯେତେବେଳେ ମିସ୍ ଶ୍ରୀଲଙ୍କା ଟାଇଟଲ ଜିତିଥିଲେ ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା । ପ୍ରଥମେ ସେ ମଡେଲିଂ ଲକ୍ଷ୍ୟ ନେଇ ମୁମ୍ବାଇ ଆସିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ । ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ସୁଜୟ ଘୋଷଙ୍କ ନିର୍ଦ୍ଦେଶିତ 'ଆଲ୍ଲାଦିନ' ।



ଜ୍ୟାକଲିନ୍

## ପ୍ରଥମ ରୋଜଗାର



# କେବଳ ସ୍ମୃତି ହୋଇ ରହିଗଲା ମୋର ପ୍ରଥମ ରୋଜଗାର

ବ୍ୟଙ୍ଗ ଲେଖକ **ଡ଼.କୁଳାଙ୍ଗାର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ସତକଥା ହେଉଛି ବ୍ୟଙ୍ଗଚାଷ କରିବା ପୂର୍ବରୁ ଜଣେ କୃଷକ ପୁତ୍ର ହିସାବରେ କୃଷିକ୍ଷେତ୍ରରେ ମୋର ପ୍ରଥମ ରୋଜଗାର କେବେଠାରୁ ଆରମ୍ଭ ହୋଇ ସାରିଥିଲା ତାହା ଏବେ ମନେ ପକେଇବା ମୁସ୍କିଲ ! ଚାରିପାଖରେ ସବୁଜ ପରିବେଶ, ଫୁଲ, ଫଳ, ପରିବା ଓ ଅସରନ୍ତି ଶ୍ରଦ୍ଧାକୁ ପାଇ ରୋଜଗାରର ସ୍ପର୍ଦ୍ଧା ମୋ ଭିତରେ ନଥିଲା। ସୌଭାଗ୍ୟର କଥା ମୋର ରୋଜଗାର ମାନେ ଟଙ୍କା ହାସଲ କରିବାର ଶୁଭ ଦିଆ ହୋଇଥିଲା ବ୍ୟଙ୍ଗ କବିତା ପାଇଁ ଏବଂ ଦାତା ହେଉଛନ୍ତି ଆକାଶବାଣୀ କଟକ। ଜିଲା ଆମର କଟକ, ହେଲେ ମୋର ଘର କଟକଠାରୁ ୧୨୦ କିଲୋମିଟର ଦୂର ଲେମ୍ଫୋ ଗ୍ରାମରେ। ସେତେବେଳେ ଘରେ ବିଜୁଳି ସଂଯୋଗ ନଥିଲା ଅତଏବ ଟିଭି ଦେଖିବାର ସୁଯୋଗ ନଥିଲା। କେବଳ ଭରସା ଥିଲା ଆକାଶବାଣୀ। ଛାତ୍ର ଅବସ୍ଥାରେ ନିୟମିତ ରେଡିଓ ଶୁଣୁଶୁଣୁ ମୁଁ ୨୦୦୦/୦୧ ମସିହାରେ ଯୁବବାଣୀ କାର୍ଯ୍ୟକ୍ରମକୁ କିଛି ବ୍ୟଙ୍ଗ କବିତା ଲେଖି ପଠାଇ ଦେଇଥିଲି। କିଛିଦିନ ପରେ ଇଂରାଜୀ ଓ ହିନ୍ଦିରେ ଲେଖା ଗୋଟିଏ ଫରମ ଆସିଲା। ଓଡିଆ ମାଧ୍ୟମ ବିଦ୍ୟାଳୟର ଛାତ୍ର ହିସାବରେ ମୋର ଯେତିକି ଜ୍ଞାନ ଥିଲା ସେଥିରୁ ମୁଁ ବୁଝି ପାରିଲି କି ତାହା ଆକାଶବାଣୀରୁ ଆସିଥିଲା ଏବଂ କବିତାପାଠ ପାଇଁ ନିମନ୍ତ୍ରଣ ହୋଇଥିଲା ! ତେବେ ଫିସ ବାବଦରେ ଟ.୩୨୦/–ଙ୍କା ମୋତେ ଦେବାକୁ ପଡିବ କି ମିଳିବ ମୁଁ ବୁଝି ପାରିଲି ନାହି! ରାତିସାରା ଭାବିଲି ଯଦି ଦେବାକୁ ପଡିବ ତା'ହେଲେ ଘରେ ତ ଆଦୌ ରାଜି ହେବେନି! ତା' ସହିତ ଯିବା ଆସିବା ବାବଦରେ ବସ୍ ଟିକେଟ ଓ ଖାଇବା ଖର୍ଚ୍ଚ ବି ଅଛି। ତେବେ ପରଦିନ ମୋର ଜଣେ ବଡଭାଇ ଯିଏ ଉଚ୍ଚ ଶିକ୍ଷିତ ଥିଲେ ତାଙ୍କୁ ଦେଖାଇବାରୁ ସିଏ ପଢି ବୁଝାଇଦେଲେ କି ମୋତେ କବିତା ପଢିବା ପାଇଁ ଟଙ୍କା ମିଳିବ! ପାଠରେ ନାଇଁ କି ସାଠରେ ନାଇଁ... ତୋ ଦେଇ କିଛି ହେବନାଇଁ ବୋଲି ନିୟମିତ ନିନ୍ଦା କରୁଥିବା ବାପା ବୋଉଙ୍କ ଆଗରେ ମୋର ଧେଡିଆ ଛାତି ଫୁଲେଇ କଥାଟି ଘୋଷଣା କରିଦେଲି! ତା' ପରେ ଘଟଣାଟି ଆମ ମଫସଲ ଗାଆଁରେ ରାଷ୍ଟ୍ର ହୋଇଗଲା। ନିର୍ଦ୍ଧାରିତ ଦିନରେ ପହଁଚି ଦୁଇଟି କବିତା ରେକର୍ଡିଂ କଲି। ଗୋଟିଏ କବିତାର ଶୀର୍ଷକ ଥିଲା 'ମଦ ଭାଗବତ'। ମୁଁ ଭାବିଥିଲି ନଗଦ ଆକାରରେ ଟଙ୍କାଟା ମିଳିବ, ତେଣୁ ସେଥିରୁ କେତେ ଖର୍ଚ୍ଚ କରି କ'ଣ କିଣିବି ଓ କେତେ ଘରେ ଦେବି ତାହା ମନେମନେ ଯୋଜନା କରିସାରିଥିଲି। ହେଲେ ମନ ନିଆଁରେ ବର୍ଷା ଝରିଗଲା ଯେବେ ଆକାଶବାଣୀରୁ ପାରିଶ୍ରମିକ ଆକାରରେ ମିଳିଲା ଗୋଟେ ଚେକ୍; ତାହା ପୁଣି ଆକାଉଣ୍ଟ ପେଇଙ୍ଗ୍! ଏଥର ମୋର ଚିନ୍ତା ଆହୁରି ବଢିଗଲା। କାରଣ ଚେକ୍‌ଟିକୁ ଦାଖଲ କରିବା ପାଇଁ ମୋର ବ୍ୟାଙ୍କ ଆକାଉଣ୍ଟ ହିଁ ନଥିଲା! ମୋର ବଡଭାଇ ଯିଏ କି ଭୁବନେଶ୍ୱରରେ ରହୁଥିଲେ, ମୋତେ ନେଇଗଲେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ହାଇଦ୍ରାବାଦର ଶାଖାକୁ । ସେଠି ତାଙ୍କର ଗୋଟେ ଆକାଉଣ୍ଟ ଥିଲା । ମୋର ଆକାଉଣ୍ଟ ଖୋଲିବାର ଅଭିପ୍ରାୟ ଜାଣି ବ୍ୟାଙ୍କର ମ୍ୟାନେଜର କହିଲେ, କେବଳ ଚେକ୍‌ଟିଏ ପାଇଁ ନୂଆ ଆକାଉଣ୍ଟ କାହିଁକି ଖୋଲିବା ? ଅତଏବ ଭାଇନାଙ୍କର ପୂର୍ବରୁ ଥିବା ଆକାଉଣ୍ଟରେ ମୋର ନାମ ଯୋଡି ଜଏଣ୍ଟ ଆକାଉଣ୍ଟ ଖୋଲି ଚେକ୍‌ଟି ଦାଖଲ ହେଲା। ମ୍ୟାନେଜର ଭାଇନାଙ୍କୁ କହିଲେ, ଚେକ୍‌ଟିର ଅର୍ଥ ସଂଗ୍ରହ ପରେ ଯୁଗ୍ମ ଖାତାଟିକୁ ପୁଣି ଏକକ କରିଦେବା ! ପରେ ପରେ ମୁଁ ଭାଇନାଙ୍କ ପାଖରେ ରହି ପାଠ ପଢିଲି! ସବୁ ଖର୍ଚ୍ଚ ସିଏ ବୁଝୁଥିବାରୁ ପ୍ରଥମ ରୋଜଗାରର ଅର୍ଥକୁ ବ୍ୟାଙ୍କରୁ ଉଠାଇବାକୁ ମୁଁ ଆଉ ଇଚ୍ଛା କରି ନଥିଲି! ମୋର ବଡଭାଇ ଶିତିକାନ୍ତ ପଣ୍ଡା ଏବେ ସ୍ୱର୍ଗରେ । ତାଙ୍କର ମୃତ୍ୟୁ ପରେ ଜାଣିଲି କି ବ୍ୟାଙ୍କରେ ଆମ ଯୁଗ୍ମଖାତାଟି ସେମିତି ରହିଥିଲା ! ଅତଏବ ପ୍ରଥମ ରୋଜଗାର ମୋ ପାଇଁ କେବଳ ୩୨୦ ଟଙ୍କା ନୁହେଁ ବରଂ ପାହାଡଠୁ ଅଧିକ ବଡ ସ୍ମୃତି, ନଈଠୁ ଅଧିକ ଲମ୍ବା ଭାବପ୍ରବଣତା, ସମୁଦ୍ରଠୁ ଅଧିକ ମହକ ଓ ଆକାଶଠୁ ଅଧିକ ଖୁସି!

# ଚୋରା ଚାହାଣୀକୁ ତେରେଛା ହସ, ସହଜେ ଫିଟେନା ପ୍ରେମର ଫାଶ

**ପ୍ରଶ୍ନ**–ଜଣେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ବିକ୍ରମ, ଢେଙ୍କାନାଳ*

**ଉତ୍ତର:** ସେ ସୁନ୍ଦରୀ ଯଦି ଆପଣଙ୍କୁ ଚାହୁଁଛି ତେବେ ସେହି ଚାହାଣୀରେ ଅନେକ କଥା ଲୁଚି ରହିଛି। ତାକୁ ଭାବିଲେ ତ ମୁଣ୍ଡ ଘୁରାଇ ଦେବ, ହେଲେ ଥଣ୍ଡା ମିଜାସ୍‌ରେ ଚିନ୍ତା କଲେ ସେହି ଚାହାଣୀରେ ପ୍ରେମର ଅସଲ ମଞ୍ଜି ପୋତି ହୋଇ ରହିଛି ବୋଲି ଜାଣିପାରିବେ। 'ଚୋରା ଚାହାଣୀକୁ ତେରେଛା ହସ, ସହଜେ ଫିଟେନା ପ୍ରେମର ଫାଶ।' ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ନିଶ୍ଚୟ ଲୁଚି ରହିଛି।

**ପ୍ରଶ୍ନ**– ଗୋଟେ ଝିଅ ମୋତେ ଚାହିଁ ଲାଜେଇ ଲାଜେଇ ହସୁଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନି ?

*–ତନ୍ମୟ କୁମାର, ରେଢ଼ାଖୋଲ*

**ଉତ୍ତର:** ଏକତରଫା ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ନିଶାନା ଠିକ୍ ଲାଗିଗଲା, ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କର ପ୍ରେମ ମିଶନ ସକସେସ ହୋଇଗଲା।

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି ?

*–ବିଜୟ ସାହୁ, କେନ୍ଦ୍ରାପଡା*

**ଉତ୍ତର:**ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ୍ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହୁନି କାହିଁକି ?

*–ବିନୋଦ, ଖୋର୍ଦ୍ଧା*

**ଉତ୍ତର:** ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଉତ୍ତର ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ପି.କେ., କଟକ*

**ଉତ୍ତର:** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲ୍‌କା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ପ୍ରେମର ଅସଲ ମଜା ନେବାକୁ ଚେଷ୍ଟା କରନ୍ତୁ।



ସାଥୀ

# ଅଜବ ବାଥଟବ୍

**ଦିନସାରାର ପରିଶ୍ରମ ପରେ ବାଥଟବ୍‌ରେ କିଛି ସମୟ ଆରାମରେ ସ୍ନାନ କରିଦେଲେ ଥକ୍କାପଣ ଦୂର ହୋଇଯାଏ। ତେଣୁ ଆଜିକାଲି ପ୍ରାୟ ଅଧିକାଂଶ ମଡ଼ର୍ନ ବାଥରୁମ୍‌ରେ ବାଥଟବ୍ ରହୁଛି। ତେବେ ଏମିତି ବି କିଛି ବାଥଟବ୍ ଅଛି, ଯାହା ଦେଖିବାକୁ ଯେମିତି ଆକର୍ଷକ ସେମିତି ଆରାମଦାୟକ, ଲକ୍ସ୍ୟୁରିୟସ ଓ ବେଶ୍ ଦାମୀ ମଧ୍ୟ। ତେଣୁ ସମସ୍ତେ ଏଭଳି ବାଥଟବ୍ ନିଜ ବାଥରୁମ୍‌ରେ ରଖିବାକୁ ଚାହିଁବେ...**





**ସୁ' ବାଥଟବ୍:** ଏହି ବାଥଟବ୍ ଦେଖିବାକୁ ହାଇ ହିଲ ଥିବା ଏକ ସୁନ୍ଦର ପମ୍ପ ସୁ' ପରି। ଇଟାଲୀୟ ଡିଜାଇନର୍ ମିସିମିଲଆନୋ ଡେଲା ମୋନାକା ଏହାକୁ ଡିଜାଇନ୍ କରିଛନ୍ତି। ଦାମୀ ଗ୍ଲାସ, ମୋଜାଇକ୍ ଦ୍ୱାରା କଭର୍ ହୋଇଥିବା ଉକ୍ତ ବାଥଟବ୍ ବେଶ୍ ଆକର୍ଷକ। ଆଉ ଏହାର ମୂଲ୍ୟ ୧୭୦୦୦ ଡଲାର।

**ରେଡ୍ ଡାଇମଣ୍ଡ ବାଥଟବ୍:** ଏହି ବାଥଟବ୍ ଆଜି ପର୍ଯ୍ୟନ୍ତ ତିଆରି ସବୁ ବାଥଟବ୍‌ଠାରୁ ବେଶି ଦାମୀ। ଏଥିରେ ଥିବା ଭଲ ଭଲ ବୈଶିଷ୍ଟ୍ୟ ହିଁ ଯାକୁ ସ୍ୱତନ୍ତ୍ର କରାଏ। ଲାଲ ରଙ୍ଗର ଉକ୍ତ ବାଥଟବ୍‌ରେ ଦୁଇଟି ୱାଟରପ୍ରୁଫ୍ ଏଚ୍‌ଡି ଟିଭି, ୪୨ ଗ୍ରାମ ସୁନାର ବଡ଼ ଫ୍ରେମ୍ ଥିବା ଓ ସ୍ୱରୋସ୍କି କ୍ରିଷ୍ଟାଲ ଖଚିତ ଜିଏସ୍‌ଏମ୍ ରିମୋଟ୍ କଣ୍ଟ୍ରୋଲ ଅଛି। ଏହାର ମୂଲ୍ୟ ୪୭,୨୦୦ ଡଲାର।






**ଇଲ୍ୟୁମିନେଟେଡ ବାଥଟବ୍:** ପଲିଏଥିଲିନ୍‌ର ଏହି ବାଥଟବ୍‌ରୁ ବିଭିନ୍ନ ରଙ୍ଗର ଆଲୋକ ନିସୃତ ହୋଇଥାଏ। କାରଣ ଏହା ମଧ୍ୟରେ ମଲ୍ଟିକଲର୍‌ର ପ୍ରୋଗ୍ରାମେବଲ୍ ଏଲଇଡି ଲାଇଟ୍ ୟୁନିଟ୍ ଅଛି। ଏହା ଧଳା, ଫ୍ଲୋରୋସେଣ୍ଟ ଅରେଞ୍ଜ, ଲେମନ୍ ୟେଲୋ, ପିଙ୍କ ଓ ରେଡ୍ କଲର୍‌ରେ ଉପଲବ୍ଧ ହୁଏ। ଜାନ ପୁଏଲାର୍ଟଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଉକ୍ତ ବାଥଟବ୍‌ର ମୂଲ୍ୟ ୧୩୯୯ ଡଲାର ଅଟେ।


**ବାଥଟବ୍ ବୁକ୍‌କେସ୍:** ବହି ପଢ଼ିବା ଯାହାର ସଉକ ସେମାନଙ୍କୁ ଏହି ବାଥଟବ୍ ବହୁତ ଭଲ ଲାଗିବ। ଡିଜାଇନର୍ ଆଣ୍ଟୋନିଓ ଲୁପିଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଉକ୍ତ ବାଥଟବ୍‌ର ପଛଭାଗରେ ଏକ ବୁକ୍ କେସ୍ ଅଛି। ବାଥଟବ୍‌ଟି କାଠ ଓ ରେଜିନ୍‌ରେ ତିଆରି। ଏହାର ମୂଲ୍ୟ ୧୭,୩୦୦ ଡଲାର।

**ଗ୍ଲାସ୍ ବବଲ୍ ସ୍ଫିୟର୍ ବାଥଟବ୍:** ଆଲେକଜାଣ୍ଡାର ଜୁକୋଭ୍‌ସ୍କିଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଉକ୍ତ ବାଥଟବ୍ ଦେଖିବାକୁ ବେଶ୍ ଆକର୍ଷକ। ବବଲ୍ ପରି ଦେଖାଯାଉଥିବା ଉକ୍ତ ବାଥଟବ୍ କାଚରେ ତିଆରି ଓ ଏହା ଝୁଲି ରହିଥାଏ। ଏହା ମଧ୍ୟରେ ତାପମାତ୍ରା ପରିବର୍ତ୍ତନ କରିହେବା ସହ ଆର୍ଦ୍ରତା, ଲାଇଟ, ସାଉଣ୍ଡ ଆଦିକୁ କଣ୍ଟ୍ରୋଲ କରିହେବ। ଏହା ଏତେ ବଡ଼ ଯେ ଦୁଇଜଣ ଆରାମରେ ଗାଧୋଇବାର ମଜା ନେଇପାରିବେ।



**ହାମୋକ୍ ପରି ବାଥଟବ୍:** ଏଥିରେ ଉଭୟ ବାଥଟବ୍ ଓ ହାମୋକ୍‌ର ଆରାମ ମିଳିବ। କାରଣ ଏହି ବାଥଟବ୍‌ର ଆକାର ହାମୋକ୍ ପରି। ଉକ୍ତ ବାଥଟବ୍ ଷ୍ଟେନଲେସ୍ ଷ୍ଟିଲ ବ୍ରାକେଟ୍ସ ମାଧ୍ୟମରେ ଭୂମିଠାରୁ ଉପରେ ଦୁଇ କାନ୍ଥରେ ଲାଗି ରହେ। ଯଦ୍ୱାରା ଏହା ଝୁଲିଲା ପରି ଲାଗେ। କାର୍ବନ ଫାଇବର୍‌ରେ ତିଆରି ଉକ୍ତ ବାଥଟବ୍‌ର ଲମ୍ବ ୨.୭ ମିଟର।

**ଗୋଲ୍ଡେନ ବାଥଟବ୍:** ୧୮ କ୍ୟାରେଟ୍ ସୁନା ଓ ଷ୍ଟେନଲେସ୍ ଷ୍ଟିଲ ଦ୍ୱାରା ତିଆରି ଏହି ବାଥଟବ୍ ଜାପାନର ଏକ ହୋଟେଲର ଅଟେ। ୭୧ ସେ.ମି ଲମ୍ବ ଏହି ବାଥଟବ୍‌ର ଓଜନ ପ୍ରାୟ ୮୦ କି.ଗ୍ରା.ହେବ। ଆଉ ଏହାର ମୂଲ୍ୟ ୧ ମିଲିୟନ ଡଲାର ଅଟେ।





କେବଲ୍

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### କୁକୁର

ଭାଇ ଭଉଣୀକୁ: ତୁ ଏବେ ମତେ କୁକୁର କହିଲୁ?
ଭଉଣୀ କିଛି ଉତ୍ତର ନ ଦେବାରୁ ଭାଇ ପୁଣିଥରେ ରାଗିକି: ତୁ ଏବେ ମତେ କୁକୁର କହିଲୁ କି?
ଭଉଣୀ: ନା କହିନି। ହେଲେ ଏବେ ତୁ ଦୟାକରି ଭୁକିବା ବନ୍ଦ କର।

### ଟେନ୍‌ସନ୍

ପ୍ରଥମ ସାଙ୍ଗ: ତୁ ଯେତେବେଳେ ଟେନ୍‌ସନ୍‌ରେ ଥାଉ କ'ଣ କରୁ?
ଦ୍ୱିତୀୟ ସାଙ୍ଗ: ମୁଁ ମନ୍ଦିର ପଳାଏ।
ପ୍ରଥମ ସାଙ୍ଗ: ବହୁତ ଭଲ। ଠାକୁରଙ୍କ ପାଖକୁ ଯାଇ ତା'ହେଲେ ଧ୍ୟାନ କରୁ।
ଦ୍ୱିତୀୟ ସାଙ୍ଗ: ନା ମୁଁ ଧ୍ୟାନ କରେନା। ଲୋକଙ୍କ ଚପଲ ମିକ୍ସ କରିଦିଏ।
ପ୍ରଥମ ସାଙ୍ଗ: କ'ଣ ପାଇଁ?
ଦ୍ୱିତୀୟ ସାଙ୍ଗ: ଚପଲ ଖୋଜିବାବେଳେ ଲୋକଙ୍କ ଟେନ୍‌ସନ୍ ଦେଖି ମୋ ଟେନ୍‌ସନ୍ ଦୂରେଇଯାଏ।

### ଉଡ଼େ

ଶିକ୍ଷକ: କହିଲ ପିଲେ, କୋଉ ଚଢ଼େଇର ପର ଥାଇ ବି ଉଡ଼ିପାରେନା?
ମଣ୍ଟୁ: ସାର୍, ମୁଁ କହିବି।
ଶିକ୍ଷକ: କହ।
ମଣ୍ଟୁ: ମରି ଯାଇଥିବା ଚଢ଼େଇ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ଚିନ୍ନାର ବନ୍ୟପ୍ରାଣୀ ଅଭୟାରଣ୍ୟ



**ପିଠିରେ ତାରା ଭଳି ଚିହ୍ନ ଥିବା ସ୍ୱତନ୍ତ୍ର ଧରଣର କଇଁଛଙ୍କ ପାଇଁ ଲୋକପ୍ରିୟତା ହାସଲ କରିଥିବା ଚିନ୍ନାର ବନ୍ୟପ୍ରାଣୀ ଅଭୟାରଣ୍ୟରେ ପର୍ଯ୍ୟଟକ ଅନ୍ୟାନ୍ୟ ବନ୍ୟପ୍ରାଣୀ ତଥା ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ଦେଖିବା ସହ ଫଟୋଗ୍ରାଫି ତଥା ଜଙ୍ଗଲ ସଫାରୀରମଜା ମଧ୍ୟ ନେଇପାରିବେ...**









କେରଳର ଇଡୁକ୍କି ଜିଲା ଅନ୍ତର୍ଗତ ଚିନ୍ନାର ବନ୍ୟପ୍ରାଣୀ ଅଭୟାରଣ୍ୟ ହେଉଛି ସ୍ଥାନୀୟ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଏଠାକାର ପ୍ରାକୃତିକ ପରିବେଶ ବେଶ୍ ମନମୁଗ୍ଧକର ହୋଇଥାଏ। ତା'ସହିତ ଏଠାରେ ମୁଖ୍ୟତଃ ପିଠିରେ ତାରା ଭଳି ଚିହ୍ନ ଥିବା ସ୍ୱତନ୍ତ୍ର ଧରଣର ଭାରତୀୟ କଇଁଛ (ଷ୍ଟାର କଇଁଛ)କୁ ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ, ଉକ୍ତ ଅଭୟାରଣ୍ୟରେ ଆହୁରି ଅନେକ ବିରଳ ପଶୁପକ୍ଷୀଙ୍କୁ ବି ଦେଖିହୁଏ। ତଥ୍ୟ ଅନୁଯାୟୀ, ୧୯୮୪ ମସିହାରେ ଗଢି ଉଠିଥିବା ଏହି ଅଭୟାରଣ୍ୟଟିର ପରିସୀମା ହେଉଛି ପ୍ରାୟ ୯୦.୪୪ ବର୍ଗ କି.ମି ; ଯାହା ମଧ୍ୟରେ ଜଙ୍ଗଲ ପରିବେଷ୍ଟିତ ଅନେକ ପାହାଡ, ଝରଣା ସମେତ ବହୁ ଔଷଧୀୟ ବୃକ୍ଷ ତଥା ପଶୁପକ୍ଷୀଙ୍କୁ ବି ଦେଖିବାକୁ ମିଳିଥାଏ।

## କ'ଣ ଦେଖିବେ

ଚିନ୍ନାର ବନ୍ୟପ୍ରାଣୀ ଅଭୟାରଣ୍ୟ ଷ୍ଟାର କଇଁଛଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ହେଁ, ଏଠାରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ଦେଖିହୁଏ। ଯେମିତିକି ବାଘ, ଚିତାବାଘ, ଚିତ୍ରା ହରିଣ, ହାତୀ, ଗୟଳ, ସମ୍ବର, ନୀଳଗାଈ, ଜଙ୍ଗଲୀ ମଇଁଷି, ଜଙ୍ଗଲୀ ଗୁଣ୍ଡୁଚିମୂଷା, ଜଙ୍ଗଲୀ ବିଲେଇ, ଲାଙ୍ଗୁର ଇତ୍ୟାଦି। ତା'ଛଡ଼ା ପ୍ରାୟ ୨୨୫ ପ୍ରଜାତିର ପକ୍ଷୀମାନଙ୍କ ପାଇଁ ଏହା ଏକ ସୁରକ୍ଷିତ ଆବାସସ୍ଥଳୀ କହିଲେ ମଧ୍ୟ ଭୁଲ୍ ହେବନାହିଁ। ବିଶେଷକରି ବେକ ଓ ମୁଣ୍ଡରେ ହାଲ୍କା ହଳଦିଆ ରଙ୍ଗର ଚିହ୍ନ ଥିବା ବୁଲ୍‌ବୁଲ୍ ପକ୍ଷୀକୁ ଏଠାରେ ଅଧିକ ସଂଖ୍ୟାରେ ଦେଖିବାକୁ ମିଳେ। ସେହିପରି ଏହି ଅଭୟାରଣ୍ୟ ଭିତରେ ପ୍ରାୟ ୫୨ ପ୍ରଜାତିର ସରୀସୃପ, ୨୯ ପ୍ରଜାତିର ସାପ, ୧୫୬ ପ୍ରଜାତିର ପ୍ରଜାପତି ଏବଂ ୧୪ ପ୍ରଜାତିର ମାଛଙ୍କୁ ସ୍ୱତନ୍ତ୍ର ଆକ୍ୱାରିୟମ୍‌ରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରଖାଯାଇଛି। ୨୦୧୬ର ରିପୋର୍ଟ ଅନୁଯାୟୀ, ଏଠାରେ ପ୍ରାୟ ୧୦୦ ପ୍ରଜାତିର ବୁଢିଆଣୀଙ୍କୁ ସଂରକ୍ଷଣ କରି ରଖାଯାଇଛି ; ଯାହାକି ଉକ୍ତ ଅଭୟାରଣ୍ୟର ଏକ ନିଆରା ଆକର୍ଷଣ ହୋଇପାରିଛି।



## କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲି ଯିବାର ସୁବିଧା ରହିଛି। ହେଲେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମେ' ହେଉଛି ଏଠାକୁ ଯିବା ପାଇଁ ଉପଯୁକ୍ତ ସମୟ। କାରଣ ଏହାପରେ ବର୍ଷାଦିନ ଆସିଯାଏ। ବର୍ଷାରେ ଗଲେ ଏଠାରେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାରେ ସମସ୍ୟା ଉପୁଜିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି।

## ଜଙ୍ଗଲ ସଫାରୀର ମଜା ନେବେ


ଏହି ଅଭୟାରଣ୍ୟ ଭିତରେ ଚାଲି ଚାଲି ବୁଲିବାର ମଜା ହିଁ କିଛି ନିଆରା। ଟ୍ରେକିଂ ପାଇଁ ବି ଏଠାରେ ଅନେକ ସୁବିଧା ରହିଛି। ସେହିପରି ଉକ୍ତ ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ବୃକ୍ଷଲତା ବି ଏଠାକାର ପରିବେଶକୁ ବେଶ୍ ମନୋରମ କରିଥାଏ। ତେଣୁ ସହରର ଜନଗହଳିପୂର୍ଣ୍ଣ ପରିବେଶରୁ କିଛିକ୍ଷଣ ପାଇଁ ବାହାରି ଆସି ଏଭଳି ଏକ ଶାନ୍ତ ବାତାବରଣରେ ସମୟ କଟାଇବାକୁ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଏଠାରେ ଲାଗିଥାଏ।

## ଫଟୋଗ୍ରାଫିର ମଜା ନିଆରା

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ଅଭୟାରଣ୍ୟଟି ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଏଠାରେ ଜାତିଜାତିକା ପଶୁପକ୍ଷୀଙ୍କୁ ଦେଖିବା ସହ ଆଗନ୍ତୁକ ଫଟୋଗ୍ରାଫିର ମଜା ମଧ୍ୟ ନେଇପାରିବେ।

## ଜଳାଶୟରେ ଗାଧୋଇପାରିବେ


ଏହି ଅଭୟାରଣ୍ୟ ମଧ୍ୟରେ ସ୍ଥାନେ ସ୍ଥାନେ ଛୋଟ ଛୋଟ ଝରଣା ତଥା ଜଳାଶୟ ଥିବାର ମଧ୍ୟ ଦେଖାଯାଏ ; ଯେଉଁଠାରେ ପର୍ଯ୍ୟଟକ ଗାଧୋଇବାର ଅପୂର୍ବ ଆନନ୍ଦ ମଧ୍ୟ ନେଇପାରିବେ।



# ଯଦି ହୁଏ ସେହି ସୌରଝଡ଼



**ସୌରଝଡ଼ ସମ୍ପର୍କରେ ସମସ୍ତେ କିଛି ନା କିଛି ଜାଣିଥିବେ। ତେବେ ନିକଟରେ ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ୧୪,୩୦୦ ବର୍ଷ ପୂର୍ବେ ହୋଇଥିଲା ସବୁଠାରୁ ବଡ଼ ସୌରଝଡ। ଆଉ ଯଦି ଏବେ ସେହିଭଳି ସୌରଝଡ଼ ହୁଏ ତା'ହେଲେ ପୃଥିବୀ ଉପରେ କ'ଣ ପ୍ରଭାବ ପଡ଼ିବ ଜାଣନ୍ତୁ ସେ ସମ୍ପର୍କରେ...**





ସୂର୍ଯ୍ୟରେ ହେଉଥିବା ଡିଷ୍ଟରବାନ୍ସକୁ ସାଧାରଣତଃ ସୌରଝଡ଼ କୁହାଯାଏ। ଏହା ସେତେବେଳେ ଉତ୍ପନ୍ନ ହୁଏ ଯେବେ ସୂର୍ଯ୍ୟ, ସୌର ଜ୍ୱାଳା ଏବଂ କୋରୋନାଲ ମାସ ଇଜେକ୍ସନ ରୂପରେ ଉର୍ଜାର ବଡ଼ ବଡ଼ ବିସ୍ଫୋଟଗୁଡିକର ନିଃସରଣ କରେ। ଏହା ପୃଥିବୀକୁ ଇଲେକ୍ଟ୍ରିକାଲ ଚାର୍ଜ ଓ ମ୍ୟାଗ୍ନେଟିକ ଫିଲ୍ଡ ପଠାଇଥାଏ। ଫଳରେ ପୃଥିବୀ ଓ ଏହାର ମ୍ୟାଗ୍ନେଟୋସ୍ଫିୟର ସହିତ ପୁରା ସୌରମଣ୍ଡଳ ପ୍ରଭାବିତ ହୋଇଥାଏ।

**୧୪,୩୦୦ ବର୍ଷ ପୂର୍ବେ ହୋଇଥିଲା ସବୁଠୁ ବଡ଼ ସୌରଝଡ଼:** ଆଜକୁ ପ୍ରାୟ ୧୪,୩୦୦ ବର୍ଷ ପୂର୍ବେ ସବୁଠାରୁ ବଡ଼ ସୌରଝଡ ହୋଇଥିବା ବୈଜ୍ଞାନିକମାନେ ପ୍ରମାଣ ପାଇଛନ୍ତି। ଫ୍ରେଞ୍ଚ ଆଲ୍ପସ୍‌ର ଏକ ବହୁ ପୁରାତନ ବୃକ୍ଷର ଜୀବାଶ୍ମରୁ ମିଳିଥିବା ଟ୍ରି ରିଙ୍ଗରୁ ଏହି ତଥ୍ୟ ଉଜାଗର ହୋଇଛି। ସାଧାରଣତଃ ଟ୍ରି ରିଙ୍ଗ ବୃକ୍ଷର ବୟସ ସହ ବୃକ୍ଷଟି ବଢୁଥିବା ସମୟର ପରିବେଶ ସମ୍ପର୍କରେ ସୂଚନା ଦେଇଥାଏ। ଆଉ ଫ୍ରେଞ୍ଚ ଆଲ୍ପସ୍‌ର ଉକ୍ତ ପୁରାତନ ବୃକ୍ଷର ଟ୍ରି ରିଙ୍ଗରୁ ଜଣାପଡିଛି ଯେ, ୧୪,୩୦୦ ବର୍ଷ ପୂର୍ବେ ହଠାତ ନାଟକୀୟଭାବେ ରେଡିଓକାର୍ବନ ସ୍ତର ବଢିଯାଇଥିଲା। ଆଉ ଏହା କେବଳ ବଡ଼ଧରଣର ସୌରଝଡ଼ ଯୋଗୁ ହିଁ ସମ୍ଭବ। ତେଣୁ ବୈଜ୍ଞାନିକଙ୍କ ମତରେ ସେତେବେଳେ ଏକ ବଡ଼ ସୌରଝଡ ହୋଇଥିଲା ଏବଂ ତାହା ହେଉଛି ସବୁଠାରୁ ବଡ଼ ସୌରଝଡ।

**ଏବେ ଯଦି ହୁଏ ସେହି ସୌରଝଡ:** ବୈଜ୍ଞାନିକଙ୍କ ମତରେ ଆଜିକା ସମୟରେ ଯଦି ଏଭଳି ବଡ଼ ସୌରଝଡ ହୁଏ ତେବେ ପୃଥିବୀ ଉପରେ ବହୁତ ପ୍ରଭାବ ପଡ଼ିବ। ପାୱାର ଗ୍ରିଡ ମାସ ମାସ ଧରି ବନ୍ଦ ହେଇଯାଇପାରେ। ସାଟେଲାଇଟ୍‌ଗୁଡିକ ଅଚଳ ହୋଇପାରେ, ଯଦ୍ୱାରାକି ନାଭିଗେସନ ଓ କମ୍ୟୁନିକେସନ୍ ସିଷ୍ଟମ ଠପ୍ ହୋଇଯିବ। ଅର୍ଥାତ୍ କମ୍ୟୁନିକେସନ୍ ବା ଯୋଗାଯୋଗ ପାଇଁ ବ୍ୟବହାର କରାଯାଉଥିବା ମାଧ୍ୟମଗୁଡ଼ିକ ନଷ୍ଟ ହୋଇ ଯାଇପାରେ। ଇଲେକ୍ଟ୍ରିସିଟି ଗ୍ରିଡ୍‌ର ଟ୍ରାନ୍ସଫର୍ମର ବି ସବୁଦିନ ପାଇଁ ନଷ୍ଟ ହେଇଯାଇପାରେ। ଯାହାଫଳରେ ମାସ ମାସ ପର୍ଯ୍ୟନ୍ତ ବଡ଼ଧରଣର ବ୍ଲାକ୍ ଆଉଟ୍ ହୋଇଯିବ ବୋଲି ୟୁନିଭର୍ସିଟି ଅଫ୍ ଲିଡସ୍‌ର ସ୍କୁଲ ଅଫ୍ ମାଥେମାଟିକ୍ସର ଆପ୍ଲାଏଡ ଷ୍ଟାଟିଷ୍ଟିକ୍ସର ପ୍ରଫେସର୍ ଟିମ୍ ହିଟୋନ କହିଛନ୍ତି। ଏହାବାଦ ଅନ୍ତରୀକ୍ଷ ଯାତ୍ରୀଙ୍କ ଉପରେ ରେଡିଏସନ୍ ବା ବିକିରଣର ରିସ୍କ ସୃଷ୍ଟି ହୋଇପାରେ।

**କାରିଂଗଟନ୍ ଇଭେଣ୍ଟ:** ୧୮୫୯ରେ ବି ହୋଇଥିଲା ଏକ ବଡ଼ ସୌରଝଡ଼, ଯାହାକି 'କାରିଂଟନ୍ ଇଭେଣ୍ଟ'ଭାବେ ପରିଚିତ। ଏହାକୁ ବୈଜ୍ଞାନିକମାନେ ଅନୁଭବ କରିବା ସହ ଗବେଷଣା କରିବାରେ ସମର୍ଥ ହୋଇଥିଲେ। ସେତେବେଳେ ଉକ୍ତ ଝଡ ଲାଗି ଟେଲିଗ୍ରାଫ୍ ମେସିନ ନଷ୍ଟ ହୋଇଯାଇଥିଲା। ତା'ସହ ବଡ଼ଧରଣର ଔଜ୍ଜଲ୍ୟମାନ ଆରୋରା ସୃଷ୍ଟି ହୋଇଥିଲା, ଯାହାକୁ ଚଢେଇମାନେ ସୂର୍ଯ୍ୟ ଉଦୟ ହେଲା ବୋଲି ଭାବି ନେଇଥିଲେ। ଏହାବାଦ୍ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ୧୫୦୦୦ ବର୍ଷ ଭିତରେ ୯ଟି ଅତ୍ୟଧିକ ବଡ଼ ଧରଣର ସୌରଝଡ଼ ବା ମିଆୟେକ ଇଭେଣ୍ଟ ଘଟିଛି। ତେବେ ଟ୍ରି ରିଙ୍ଗରୁ ଜଣାପଡିଥିବା ସୌରଝଡଟି ସବୁଠାରୁ ଅଧିକ ଶକ୍ତିଶାଳୀ ବୋଲି ବୈଜ୍ଞାନିକ ମତ ଦେଉଛନ୍ତି। ହେଲେ ସେହି ସୌରଝଡ଼ ଲାଗି ସେତେବେଳେ କ'ଣ ସବୁ ଘଟିଥିଲା ତାହା ସେମାନେ ଜାଣିପାରି ନାହାନ୍ତି।

**ସୌରଝଡ଼ ପୂର୍ବାନୁମାନ:** ଯଦିଓ ସନ୍‌ସ୍ପଟ୍‌କୁ ଗଣନାକରି ସୂର୍ଯ୍ୟର ଗତିବିଧିର ଡାଇରେକ୍ଟ ଇନଷ୍ଟ୍ରୁମେଣ୍ଟାଲ ମେଜରମେଣ୍ଟ ସପ୍ତାଦଶ ଶତାବ୍ଦିରେ ଆରମ୍ଭ ହୋଇଥିଲା। ଆଉ ଏବେ ଗ୍ରାଉଣ୍ଡ ବେସ୍‌ଡ ଅବଜରଭେଟୋରୀ, ସ୍ପେସ୍ ପ୍ରୋବସ ଓ ସାଟେଲାଇଟ୍ ମାଧ୍ୟମରେ ସୌର ସମ୍ବନ୍ଧୀୟ ଟିକିନିଖି ଖବର ମିଳିପାରୁଛି। ହେଲେ ଏହିସବୁ ସର୍ଟଟର୍ମ ଇନଷ୍ଟ୍ରୁମେଣ୍ଟାଲ ରେକର୍ଡ ସୂର୍ଯ୍ୟକୁ ସମ୍ପୂର୍ଣ୍ଣଭାବେ ଜାଣିବା ଲାଗି ପର୍ଯ୍ୟାପ୍ତ ନୁହେଁ। ଏହାବାଦ୍ ସୌରଝଡ଼ର ପୂର୍ବନୁମାନ ସମ୍ଭବ କି ନୁହେଁ ସେ ସମ୍ପର୍କରେ ବି ବୈଜ୍ଞାନିକମାନେ ସଠିକ୍ ଭାବେ ଜାଣିପାରି ନାହାନ୍ତି। ତେଣୁ ଏ ସମ୍ପର୍କରେ ଅଧିକ ଗବେଷଣା ହେବା ଜରୁରୀ। ଯେମିତିକି ଏଭଳି ସ୍ଥିତି ଆଗକୁ କେବେ ନ ଉପୁଜେ। ଆଉ ପୃଥିବୀ ଏଭଳି ସୌରଝଡ଼ଠାରୁ ସୁରକ୍ଷିତ ରହିପାରିବ।

# ଅଜବ ବାଇକ





କୁହାଯାଏ ଚାଇନା ଓ ଜାପାନ ଟେକ୍ନୋଲୋଜି କ୍ଷେତ୍ରରେ ବେଶ୍ ଉନ୍ନତ। ଏଠାରେ ହିଁ ଅନେକ ଅଜବ ଅଜବ ଜିନିଷର ଆବିଷ୍କାର ହୋଇଥାଏ। ହେଲେ ଏବେ ଭାରତ ବି ଆବିଷ୍କାର କ୍ଷେତ୍ରରେ ବହୁ ଆଗକୁ ଗଲାଣି। ଏଠି ବି ଏମିତି ଅନେକ ଆବିଷ୍କାର ହେଉଛି ଯାହାକୁ ଦେଖି ସାରା ବିଶ୍ୱ ଚକିତ ହେଇଯାଉଛି। ଯେମିତି କି ନିକଟରେ ସୁରତର ରାସ୍ତାରେ ଦେଖିବାକୁ ମିଳିଥିଲା ଏକ ଅଜବ ବାଇକ, ଯାହାକୁ ଦେଖି ସମସ୍ତେ ଦ୍ୱନ୍ଦ୍ୱରେ ପଡିଯାଇଥିଲେ ଯେ, ଏହା ପ୍ରକୃତରେ କ'ଣ ବୋଲି। ଏହି ବାଇକ୍‌ର ଦୁଇଟି ବଡ଼ ବଡ଼ ଚକ ଥିଲା, ଯାହା ମଝିରେ ଜଣେ ବ୍ୟକ୍ତି ଗାଡି ଚଳାଉଥିଲେ। ଏହି ଚକର ମଝି ଭାଗରେ ହିଁ ହ୍ୟାଣ୍ଡଲ, ଫୁଟରେଷ୍ଟ ଓ ବସିବା ସ୍ଥାନ କରାଯାଇଥିଲା। ଆଉ ଏହା ଉପରେ ବସି ଜଣେ ବ୍ୟକ୍ତି ଗାଡି ଚଳାଉଥିଲେ। ଗାଡି ଚାଲିବା ସହ ଦୁଇ ବଡ଼ ଚକ ବି ଘୁରୁଥିଲା। ଏଭଳି ଅଜବ ଗାଡିକୁ ଦେଖି ଅନେକେ କହୁଛନ୍ତି ବ୍ୟକ୍ତି ଜଣେ ଟାଇମ୍ ଟ୍ରାଭେଲର୍ ହୋଇଥିବେ।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ନାରୀଙ୍କୁ ନେଇ ଆତ୍ମସଂଯମତାର ତିନୋଟି ଚିତ୍ର

### ଶକୁନ୍ତଳା ଏବଂ ଦୁଷ୍ମନ୍ତଙ୍କ କଥା

ପୁରୁ ବଂଶର ମହାନ୍ ଆଉ ପରାକ୍ରମୀ ରାଜା ଥିଲେ ଦୁଷ୍ମନ୍ତ । ନିଜ ରାଜ୍ୟର ବିସ୍ତାର ପାଇଁ ସେ ସତତ ଚେଷ୍ଟିତ ଥିଲେ । ତାଙ୍କ ରାଜ୍ୟର ପ୍ରଜାମାନେ ବି ବେଶ୍ ସୁଖଶାନ୍ତିରେ ଥିଲେ । ଦିନେ ରାଜା ଦୁଷ୍ମନ୍ତ ଶିକାର ଉଦ୍ଦେଶ୍ୟରେ ପାତ୍ର ମନ୍ତ୍ରୀଙ୍କ ସହ ଘୋର ଜଙ୍ଗଲ ମଧ୍ୟରେ ପ୍ରବେଶ କଲେ । ଶିକାରରୁ ରାଜ୍ୟକୁ ଫେରୁଥିବା ବେଳେ ତାଙ୍କ ସମ୍ମୁଖରେ ଏକ ଅଜବ ଜନ୍ତୁଟିଏ ଦେଖାଦେଲା । ନୂଆ ଜନ୍ତୁଟିକୁ ଶିକାର କରିବା ଆକର୍ଷଣରେ ଆକର୍ଷିତ ହୋଇ ସେ ନିଜ ଅଶ୍ୱକୁ ତା' ପଛରେ ଝପଟାଇ ଦେଲେ । ଜନ୍ତୁଟି ବି ଖୁବ୍ ଯୋରରେ ଆଗକୁ ଆଗକୁ ଧାବମାନ ହେଉଥାଏ । ପଛେ ପଛେ ରାଜା । ଏଣେ ବହୁ ପଛରେ ରହିଗଲେ ପାତ୍ରମନ୍ତ୍ରୀ ଆଉ ସୈନିକଗଣ ।

ଦୁଷ୍ମନ୍ତ ଶିକାର ପଛରେ ଗୋଡ଼ାଇ ଗୋଡ଼ାଇ ଏକ ନିର୍ଜନ ସ୍ଥାନରେ ପହଞ୍ଚିଲେ । ସେଠାକାର ଦୃଶ୍ୟ ତାଙ୍କୁ ବିମୁଗ୍ଧ କଲା । ଏ ଘୋର ଅଗମ୍ୟ ବନସ୍ତରେ ଯେ ଏପରି ଏକ ସ୍ଥାନ ଥାଇପାରେ, ଏହା ଦେଖି ସେ ଆଚମ୍ବିତ ହେଲେ । ଆଉ ଟିକେ ଆଗକୁ ବଢ଼ିବାରୁ ଦୃଶ୍ୟମାନ ହେଲା ଏକ ପର୍ଣ୍ଣ କୁଟୀର । କୁଟୀର ବାହାରେ ବସିଥିଲେ ଅପୂର୍ବ ସୁନ୍ଦରୀ ଜଣେ ଷୋଡ଼ଶୀ । ଏପରି ଯୁବତୀଙ୍କୁ ରାଜା ପୂର୍ବରୁ କେବେ ଦେଖି ନ ଥିଲେ । ନିକଟକୁ ଯାଇ ଯୁବତୀଙ୍କୁ ପରିଚୟ ମାଗିବାରୁ ସେ କଣ୍ୱ ମୁନିଙ୍କ କନ୍ୟା ଶକୁନ୍ତଳା ବୋଲି ପରିଚୟ ଦେଲେ । ରାଜା ଏହି କନ୍ୟାଙ୍କ ରୂପ ମାଧୁର୍ଯ୍ୟରେ ଏପରି ମୋହିତ ହୋଇଗଲେ ଯେ ସେ ସଙ୍ଗେ ସଙ୍ଗେ ତାଙ୍କୁ ବିବାହ ପ୍ରସ୍ତାବ ଦେଲେ । କହିଲେ ହେ ଯୁବତୀ ! ମୁଁ ହେଉଛି ପୁରୁ ବଂଶର ରାଜା ଦୁଷ୍ମନ୍ତ । ଶିକାର ଉଦ୍ଦେଶ୍ୟରେ ଆସି ଏଠି ପହଞ୍ଚି ଯାଇଛି । ତୁମ ରୂପ ଦେଖି ମୋ ମନ ଆଉ ଇନ୍ଦ୍ରିୟ ଏବେ ଆୟତ୍ତରେ ରହିବାକୁ ନାରାଜ । ତଥାପି ମୁଁ ସଂଯମିତ ଏବଂ ନିୟନ୍ତ୍ରିତ । କାରଣ ମୁଁ ହେଉଛି ଜଣେ କ୍ଷତ୍ରିୟ । ତୁମେ ମୋତେ ବିବାହ କରିବ ବୋଲି କେବଳ 'ହଁ' ବୋଲି କହିଦେଲେ ମୁଁ ଢେର ଖୁସି ହେବି ।

ମୁନି କନ୍ୟାଙ୍କର ମନ ମଧ୍ୟ ଦୁଷ୍ମନ୍ତଙ୍କ ରୂପ ଲାବଣ୍ୟ ଏବଂ ରାଜା ବୋଲି ପରିଚୟ ପାଇ ତାଙ୍କୁ ମନେ ମନେ ଗ୍ରହଣ କରିସାରିଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ଗାନ୍ଧର୍ବ ମତରେ ବିବାହ ହୋଇଥିଲା ।

ତେବେ କଥା ହେଉଛି ସମସ୍ତେ ଦୁଷ୍ମନ୍ତ ନୁହଁନ୍ତି କି ସମସ୍ତେ ମୁନି କନ୍ୟା ନୁହଁନ୍ତି । ମୋଟାମୋଟି ଭାବେ ଏକ ସାର୍ବଜନିକ ନିୟମ ହେଉଛି କୌଣସି ଅଜଣା ନାରୀଙ୍କ ସହ ନିର୍ଜ୍ଜନ ସ୍ଥାନରେ ବସି ଖୁସି ଗପ କରିବା ଶାସ୍ତ୍ର ବିହିତ ନୁହେଁ ।

### ଦାମ୍ପତ୍ୟରେ ଶାନ୍ତିର ସୂତ୍ର

ବିବାହ ସମୟରେ ପୁଅ ଏବଂ ଝିଅ ପ୍ରତି ଜନ୍ମରେ ସାଥି ହୋଇ ଏବଂ ଏକ ମନ ନେଇ ରହିବାର ସଂକଳ୍ପ ନେଇ ସଂସାର ଭିତରେ ପ୍ରବେଶ କରିଥାନ୍ତି । କିନ୍ତୁ ଦିନ କେଇଟା ନ ଯାଉଣୁ ପରସ୍ପର ମଧ୍ୟରେ ଚାଲେ ଆରୋପ ଆଉ ପ୍ରତ୍ୟାରୋପର ପର୍ବ । ଶେଷରେ ଘଟଣା ଯାଇ ପହଞ୍ଚେ କୋର୍ଟ କଚେରୀରେ । ଏହା ମଧ୍ୟରେ ମୁଖ୍ୟ କଥା ଯାହା ସେମାନଙ୍କ ସମ୍ପର୍କ ମଧ୍ୟରେ ପ୍ରାଚୀର ହୋଇ ଛିଡା ହୋଇ ଥାଏ, ତାହା ହେଉଛି ନିଜ ନିଜର ଜିଦ ବା ଅହମିକା । ପୁଅ କହେ ମୋ କଥା ରହିବ, ଝିଅ କହିବ ମୋ କଥା ବି କାହିଁକି ନ ରହିବ ? – କାହା କଥା କାହା ସହିତ ଖାପ ଖାଉ ନ ଥିବାରୁ ଆରମ୍ଭ ହୁଏ ମନାନ୍ତର । ଆଜିକାର ଯୁଗରେ ଅନେକ ସ୍ୱାମୀ –ସ୍ତ୍ରୀ ଙ୍କ ମଧ୍ୟରେ ଏଇ ସମସ୍ୟା । ଅଶାନ୍ତିରେ ରହିଲେ ବି ବହୁ ସ୍ୱାମୀ –ସ୍ତ୍ରୀ ସେମିତି ମାଡି ମକଚି ହୋଇ ଗୋଟିଏ ଛାତ ତଳେ ରହୁଥିବା ବେଳେ ଆଉ ଅନେକଙ୍କର ଝଗଡା ଘରର ଏରୁଣ୍ଡି ବନ୍ଧ ଡେଇଁ ଦଣ୍ଡ ଘାଟରେ ପଡେ । ତେବେ ଏହାର ସମାଧାନର କି ଉପାୟ ଅଛି ? କେମିତି ଚଳିଲେ ସ୍ୱାମୀ –ସ୍ତ୍ରୀ ଙ୍କ ଭିତରେ ଆଉ ମନମାଳିନ୍ୟ ହେବନି, ତାହା ଜାଣିବା ପାଇଁ ଆଜିର ଏ ଘଟଣା ବାବଦରେ ଜାଣିବା ହୁଅନ୍ତୁ ।

ସନ୍ଥ କବିରଙ୍କ ଆଶ୍ରମକୁ ଦିନେ ଜଣେ ଯୁବକ ଆସି ନିଜ ସ୍ତ୍ରୀଙ୍କ ବିରୋଧରେ ଗପିବା ଆରମ୍ଭ କଲେ । ସବୁ ଦିନେ ଆମ୍ଭ ଦୁହିଁଙ୍କ ମଧ୍ୟରେ ଝଗଡା । ଫଳରେ ବହୁ ମାନସିକ ଅଶାନ୍ତି ମଧ୍ୟ ଦେଇ ଏବେ ମୁଁ ଗତି କରୁଛି । ଏହାର ସମାଧାନର ଉପାୟ କଣ ଅଛି ବୋଲି କୁହନ୍ତୁ ବୋଲି କହି ଯୁବକଟି କବୀରଙ୍କ ନିକଟରେ ଶରଣ ପଶିଲେ ।

ସବୁ ଶୁଣି ସାରି କବୀର ଉକ୍ତ ଯୁବକଙ୍କୁ ପାଖରେ ବସାଇଲେ । ପରେ ନିଜ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ – ହଇଓ ଶୁଣୁଛ, ଟିକେ ଲଣ୍ଠନ ଟି ଜଳେଇ କରି ଆଣିବଟି । କିଛି ସମୟ ପରେ କବୀରଙ୍କ ସ୍ତ୍ରୀ ମୁଣ୍ଡରେ ହାତେ ଲମ୍ବର ଓଢଣୀ ଟାଣି ଜଳନ୍ତା ଲଣ୍ଠନଟିକୁ ଆଣି କବୀରଙ୍କ ହାତକୁ ବଢେଇ ଦେଲେ । ଏବେ ପୁଣି କହିଲେ ହେଇ ଶୁଣ, ଆମ ଦୁଇ ଜଣଙ୍କ ପାଇଁ ଟିକେ ଚା ପ୍ରସ୍ତୁତ କରି ପଠାଅ ।



କିଛି ସମୟ ପରେ ଚା' ଆସି ପହଁଚିଲା । କବୀର ଚା ପିଇବା ଆରମ୍ଭ କଲେ । ଯୁବକଟି କିନ୍ତୁ ଢୋକେ ଚା' ପିଇ ରଖିଦେଲେ । କାରଣ ଚା'ରେ ଚିନି ଅପେକ୍ଷା ଲୁଣର ପରିମାଣ ଟିକେ ଅଧିକ ଥିଲା । ଏହା ସତ୍ତ୍ୱେ ବି କବୀର ଚା' ପିଇ ଚାଲୁଥାନ୍ତି । କେବଳ ସେତିକି ନୁହେଁ, ପତ୍ନୀ ଶୁଣିବା ପରି କହୁଥାନ୍ତି ବାଃ ଆଜିର ଚା' ଟି ଖୁବ ଭଲ ହୋଇଛି । କେବଳ ଚିନିର ପରିମାଣ ଟିକେ ଅଧିକ ହୋଇଥିଲେ ଆଉ ଖୁବ ସ୍ୱାଦିଷ୍ଟ ହୋଇଥାନ୍ତା ।

ଏବେ ଯୁବକଙ୍କ ଆଡକୁ ଅନେଇ କହିଲେ ସ୍ୱାମୀ–ସ୍ତ୍ରୀ ଝଗଡା ସମାଧାନର ଉପାୟ ଏବେ ପାଇଲ ତ? ଯୁବକ ଜଣକ କିଛି ବୁଝି ନ ପାରିବାରୁ କବୀର ଜୀ କହିଲେ – ବର୍ତମାନ ଦିନ ହୋଇଛି । ଦିନରେ ଲଣ୍ଠନ ଲଗେଇ ଆଣ ବୋଲି କହିବାରୁ ମୋ ସ୍ତ୍ରୀ ବିନା ପ୍ରତିବାଦରେ ତାହା ଆଣି ଏଠାରେ ଥୋଇ ଦେଇଗଲେ । ପଦୁଁଟିଏ ବି ପଚାରିଲେ ନାହିଁ ଦିନଟାରେ ଲଣ୍ଠନ କଣ କରିବ ବୋଲି । ସେମିତି ତାଙ୍କ ଦ୍ୱାରା ପ୍ରସ୍ତୁତ ଚା'ରେ ଲୁଣର ମାତ୍ରା ଟିକେ ଅଧିକ ହୋଇଥିଲା । ତାକୁ ସ୍ୱାମୀ ହିସାବରେ ମୁଁ ଚଳେଇ ନେଲି ।

ସ୍ୱାମୀ –ସ୍ତ୍ରୀ ଝଗଡାରେ ଦୁଇ ଜଣଙ୍କୁ ଏମିତି ବୁଝାମଣାରେ ଚାଲିବାକୁ ହେବ । ଏଥିରେ କେବଳ ଜଣକର ଯେ ଭୁଲ ଥିବ, ତାହା ନୁହେଁ, ଉଭୟ ଉଭୟଙ୍କର ଭୁଲକୁ ନିଜେ ନିଜେ ସୁଧାରି ଆଗକୁ ବାଟ ଚାଲିବାକୁ ହେବ । ଏଥିପାଇଁ ଉଭୟଙ୍କୁ ଅସୀମ ଧୈର୍ଯ୍ୟ ଅବଲମ୍ବନ କାରିବାକୁ ପଡିବ ।

### ରାମ –ରାବଣ ଭିତରେ ଅନ୍ତର

ରାମ ଏବଂ ରାବଣଙ୍କ ପାଖରେ ସବୁ କିଛି ପର୍ଯ୍ୟାପ୍ତ ଥିଲା । କିନ୍ତୁ ଜଣେ ସବୁ ପାଇ ଆହୁରି ଚାହୁଁଥିଲେ ଏବଂ ଆଉ ଜଣେ ନିଜର ଯେତିକି ଏବଂ ଯାହା ଅଛି, ସେଥିରେ ସନ୍ତୁଷ୍ଟ ରହୁଥିଲେ । ଛୋଟିଆ ଉଦାହରଣ ଟିଏ ଦେଖନ୍ତୁ । ରାବଣଙ୍କ ପାଖରେ ପଞ୍ଚ କନ୍ୟାଙ୍କ ଭିତରେ ସବୁଠାରୁ ସୁନ୍ଦରୀ ମନ୍ଦୋଦରୀ ପରି ରାଣୀ ଥିଲେ । ସେ ପୁଣି ପରମ ପତିବ୍ରତା ଥିଲେ । ଏଭଳି ଏକ ଗୁଣବତୀ ସ୍ତ୍ରୀ ଥାଉ ଥାଉ ସେ ପୁଣି ଜଙ୍ଗଲ ରେ କଷାୟ ବସ୍ତ୍ର ପିନ୍ଧି ଏଣେ ତେଣେ ବୁଲୁଥିବା ଜଣେ ବନବାସୀଙ୍କ ସ୍ତ୍ରୀ ଉପରେ ଆଖି ପକାଇଲେ ।

ସେଦିନ ଯୁଦ୍ଧ କ୍ଷେତ୍ରରେ ରାବଣ ନିହତ ହୋଇ ପଡିଥାନ୍ତେ । ପାଖରେ ରହି ସ୍ତ୍ରୀ ମନ୍ଦୋଦରୀ ମୁଣ୍ଡପିଟି ବିଳାପ କରୁ କରୁ ଭାବୁଥିଲେ ମୋ ତ୍ରିଭୁବନ ବିଜୟୀ ପରମ ବୀର ସ୍ୱାମୀକୁ ମାରିବା ବାଲା ରାମ କିଏ ? ସେ ଏବେ କେଉଁଠି ଅଛନ୍ତି ? ? ସେପଟେ ପ୍ରଭୁ ଶ୍ରୀରାମ ବି ରଣଭୂମୀରେ ଏତେ ରକ୍ତପାତକୁ ଦେଖି ଗୋଟିଏ ପ୍ରସ୍ତର ଉପରେ ବସି ଚିନ୍ତାମଗ୍ନ । ମନ୍ଦୋଦରୀଙ୍କ ଆଖି ଶ୍ରୀରାମଙ୍କ ଉପରେ ପଡିଗଲା । ଧୀରେ ଧୀରେ ସେ ରାମଙ୍କ ପାଖକୁ ଯାଇ ତାଙ୍କ ପଛପଟେ ଠିଆ ହେଲେ । ନିଜ ପଶ୍ଚାତ ଭାଗରେ ଏକ ନାରୀର ଛବି ଦେଖି ରାମ ହଠାତ ବୁଲି ପଡି ମନ୍ଦୋଦରୀଙ୍କ ଆଡକୁ ଚାହିଁ କହିଲେ – ମା ! ଏତେ ନିର୍ଜ୍ଜନ ରାତିରେ ଏଠି କାହିଁକି ? ରାବଣ ଅନୀତି କରିଥିବାରୁ ତାଙ୍କୁ ବଧ କରିବା ପାଇଁ ମୁଁ ଏକରକମ ବାଧ୍ୟ ହେଲି । ଆପଣଙ୍କ ପରି ସତୀ ନାରୀଙ୍କ ମନରେ ଦୁଃଖ ଦେଇଥିବାରୁ ମୋତେ କ୍ଷମା ଦେବେ ।

ମନ୍ଦୋଦରୀ ବିଳପିତ କଣ୍ଠରେ କହିଲେ ହେ ଭଗବାନ ! ମୋ ସ୍ୱାମୀ ନିଜ କୃତ କର୍ମର ଫଳ ପାଇଛନ୍ତି । ମୋ ଭଳି ଜଣେ ଅର୍ଦ୍ଧାଙ୍ଗିନୀ ଥାଉ ଥାଉ ସେ ମା' ସୀତାଙ୍କ ଉପରେ ଆଖି ପକାଇଲେ । ଆପଣ ଏବଂ ମୋ ସ୍ୱାମୀଙ୍କ ଭିତରେ ଥିବା ଫରକ ହେଉଛି ଏଇୟା ଯେ ଆପଣ ଜଣେ ନାରୀର ଛାୟା ଦେଖି ଚମକି ପଡିଲେ ଅଥଚ ମୋ ସ୍ୱାମୀ ପର ସ୍ତ୍ରୀ ପ୍ରତି ଆସକ୍ତ ଥିଲେ । 'ପର ଦାରେଷୁ ମାତୃବତ' ନ୍ୟାୟରେ ଅନ୍ୟ ସ୍ତ୍ରୀଙ୍କୁ ମା' ପରି ସମ୍ମାନ ନ ଦେଲେ ଶେଷରେ ଯୋଉ ଅବସ୍ଥା ହେବା କଥା ସେଇ କଥା ହିଁ ମୋ ସ୍ୱାମୀଙ୍କ କ୍ଷେତ୍ରରେ ଘଟିଛି ।

ପର ଝିଅ ବା ପର ସ୍ତ୍ରୀ ସହ କେବେ ବି କୌଣସି ସ୍ଥାନରେ ଏକାନ୍ତ ନ ରହିବା ପାଇଁ ଶାସ୍ତ୍ରମାନେ ବାରଣ କରିଛନ୍ତି । ଯଦି ବି ସେମିତି କିଛି ଏକାନ୍ତ ସମୟ ଆସେ ତେବେ ଭରତଙ୍କ ପରି ଆତ୍ମ ସଂଯମ ଜରୁରୀ । ବିଭା ହୋଇ ସାରିଲା ପରେ ବି କେତେକ ଲୋକ ନିଜ ସଂଯମତାକୁ ଭୁଲି ଯାଆନ୍ତି ଠିକ ରାବଣ ପରି । ନିଜ ସ୍ତ୍ରୀ ଥାଉ ଥାଉ ପର ସ୍ତ୍ରୀ ଉପରେ ଆଖି ପକାଇ ନିଜ ସୁନ୍ଦର ପାରିବାରିକ ଜୀବନକୁ ନଷ୍ଟ କରନ୍ତି । ଆତ୍ମ ସଂଯମତା ରହିଲେ କବୀରଙ୍କ ପରିବାର ପରି ଆମ ଦାମ୍ପତ୍ୟ ଜୀବନରେ ବି ସ୍ୱର୍ଗ ସୁଖ କୁଢେଇ ହୋଇ ପଡିବ ।

*–ପ୍ରିନସିପାଲ, ଆପେକ୍ସ ଆଇ. ଟି.ଆଇ, ପତ୍ରକଣା, କସର୍ଦା, କଟକ*

*ମୋ –୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### କୃଷ୍ଣଚୂଡ଼ାର ହସ ଓ ଅନ୍ୟାନ୍ୟ ଗଳ୍ପ

ବୀରେଶ୍ୱର ମହାନ୍ତି

ପ୍ରକାଶକ– ସତ୍ୟମ୍ ବୁକ୍ ଏଜେନ୍ସୀ, ପଞ୍ଚସଖା ନଗର, ଭୁବନେଶ୍ୱର –୧୯, ମୂଲ୍ୟ–୨୦୦ଟଙ୍କା

'କୃଷ୍ଣଚୂଡାର ହସ ଓ ଅନ୍ୟାନ୍ୟ ଗଳ୍ପ' ବୀରେଶ୍ୱର ମହାନ୍ତିଙ୍କ ଗଳ୍ପ ପୁସ୍ତକ । ଏଥିରେ ୨୫ଟି ଗଳ୍ପ ପ୍ରକାଶ ପାଇଛି । ସହରୀ ଜୀବନର ପ୍ରତିଫଳନକୁ ନେଇ ତାଙ୍କର ପ୍ରଥମ ଗଳ୍ପ । ସଞ୍ଜନଇଁ ଆସୁଥିବା ବେଳେ ଅସ୍ତାଚଳରେ ଆଭାରେ ବିଭୋର ସୁକାନ୍ତ–ଲତିକା





କିଭଳି ଅଗ୍ରସର ହେଉଥିଲେ ଟା' ଷ୍ଟଲ ଆଡକୁ ସେ କଥା ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । 'ଶେଷ ଦେବଙ୍କ ଶେଷ କଥା' ହେଉ କିମ୍ବା 'ମନ୍ଦାକିନିଙ୍କ ଛାଡଖାଇ' ସମସ୍ତ ଗଳ୍ପରେ ବାସ୍ତବ ଜୀବନ ସହ ଛନ୍ଦି ହୋଇଛି କିଛି ନା କିଛି କଳ୍ପନାର ପୁଟ । ଆଶା ଏ ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ।

### ଜୀବନ ଓ ଧର୍ମ

ମହମ୍ମଦ ନିଜାମୁଦ୍ଦିନ୍

ପ୍ରକାଶକ– ଲିଜାଶ୍ରୀ ବିଶୋୟୀ, ପବ୍ଲିଶିଂ ହାଉସ୍, ଭୁବନେଶ୍ୱର–୧୫, ମୂଲ୍ୟ– ୫୪୦ଟଙ୍କା

'ଜୀବନ ଓ ଧର୍ମ'ପୁସ୍ତକରେ ୪୫ଟି ବିଷୟରେ ଆଲୋଚନା କରାଯାଇଛି । ଜୀବନ ପାଇଁ ଧର୍ମ । ଧର୍ମ ପାଇଁ ଜୀବନ ନୁହେଁ । ସେ ଲାଗି ବହିର ନାମ 'ଜୀବନ ଓ ଧର୍ମ' ରଖାଯାଇଛି । ଦିବ୍ୟ ପବିତ୍ର କୋରାନ୍‌ର ଦର୍ଶନ ଭିତ୍ତିରେ




ମନୁଷ୍ୟର ଜୀବନ କେମିତି ହେବା ଉଚିତ୍ ତାହା ହିଁ ବହିରେ ଲେଖକ ନିଜସ୍ୱ ଶୈଳୀରେ ବିଶ୍ଳେଷଣ କରିଛନ୍ତି । ଜୀବନରେ ଧର୍ମକୁ ପାଳିବା ରୀତିରେ ଧାରଣ କଲେ ଯାଇ ମଣିଷକୁ ଶାନ୍ତି ମିଳେ, ସ୍ୱର୍ଗ ସୁଖ ପାଏ । ଧର୍ମକୁ ଜୀବନର ଆବଶ୍ୟକ ବସ୍ତୁ ଭାବେ ପାଠକ ମହଲରେ ନିଜସ୍ୱ ଢଙ୍ଗରେ ପ୍ରଦର୍ଶିତ କରାଇବାର ମହତ୍ ଲକ୍ଷ୍ୟରେ ଏ ପୁସ୍ତକ ପ୍ରକାଶିତ । ଆଶା ପୁସ୍ତକଟି ପାଠକାଦୃତି ହେବ ।

### କଥା କୋଲାଜ୍

ସସ୍ମିତା ମହାନ୍ତି

ପ୍ରକାଶକ– ବିଦ୍ୟାପୁରୀ, ବାଲୁବଜାର, କଟକ ମୂଲ୍ୟ–୧୧୦ଟଙ୍କା

ତିରିଶ ଗୋଟି ଗଳ୍ପକୁ ନେଇ ଗାଳ୍ପିକା ସସ୍ମିତା ମହାନ୍ତିଙ୍କ ପ୍ରଥମ ଗଳ୍ପ ସଂକଳନ 'କଥା କୋଲାଜ୍' ପ୍ରକାଶ ପାଇଛି । ଗତିଶୀଳ ଭାଷା ଓ ସାଧାରଣ ଚରିତ୍ରଙ୍କ ବିନ୍ୟାସ ତାଙ୍କ ପ୍ରାୟ ଗଳ୍ପର ବିଶେଷତ୍ୱ । ସମାଜର ଗହଳିଚହଳିରେ ଅଣନିଃଶ୍ୱାସୀ ହୋଇପଡୁଥିବା ଜୀବନ କିଭଳି ସରଳ, ଶାନ୍ତ ବାତାବରଣ ଖୋଜିହୁଏ ତାହା ସସ୍ମିତାଙ୍କ 'କଥା




କୋଲାଜ୍' ପଢିଲାବେଳେ ମନେପଡିବ । ଅତ୍ୟନ୍ତ ସାଧାରଣ କଥାଟିକୁ ଆହୁରି ସହଜ ଓ ସାଧାରଣ କରି ସ୍ୱାଭାବିକ ହୋଇଛି ତାଙ୍କ ଗଳ୍ପ ପ୍ରବାହ । ଶବ୍ଦ ଆଡମ୍ବରରୁ ଅଳ୍ପ ଦୂରତ୍ୱ ରଖି ସସ୍ମିତାଙ୍କ ଗଳ୍ପ ଛୋଟ ଛୋଟ କଥାରୁ , ଘଟଣାରୁ ବଡ଼ କଥା ବାର୍ତ୍ତାରେ ଦେଇଛନ୍ତି । ବହିଟି ସବୁ ବର୍ଗର ପାଠକଙ୍କୁ ଛୁଇଁବ ବୋଲି ଆଶା ।

ବ୍ୟାକ୍ ପେଜ୍

# ଦାମୀ ମହୁ

**ଶ**ରୀର ପାଇଁ ମହୁ ବହୁତ ଉପକାରୀ । ତେଣୁ ଆଜିକାଲି ସୁସ୍ଥ ରହିବା ଲାଗି ଏହାର ବହୁଳ ବ୍ୟବହାର କରାଯାଉଛି । ତେବେ ଜାଣନ୍ତି କି ଏମିତି ଏକ ମହୁ ଅଛି ଯାହାକୁ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ହେବ ନାହିଁ । କାରଣ ଏହାର ମୂଲ୍ୟ ଏକ କାର୍‌ର ମୂଲ୍ୟ ସହ ସମାନ । ଅର୍ଥାତ୍ କି.ଗ୍ରା. ପିଛା ଏହାର ଦାମ ୮,୬୦,୦୦୦ ଟଙ୍କା । ତୁର୍କୀରେ ମିଳୁଥିବା ଉକ୍ତ ମହୁର ନାମ ହେଉଛି ‘ସେଣ୍ଟାଉରୀ ମହୁ’ । ପୃଥିବୀର ସବୁଠାରୁ ଦାମୀ ମହୁଭାବେ ଏହା ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି । ଉକ୍ତ ମହୁ ସାଧାରଣ ମହୁଠାରୁ ବହୁତ ଭିନ୍ନ ଓ ବିରଳ । ଏହାର ରଙ୍ଗ ଗାଢ ଓ ସ୍ୱାଦ ଟିକେ ପିତା ରହେ । ବର୍ଷକୁ ଥରେ ଗୁମ୍ଫା ଭିତରେ ଏହାର ଚାଷ ହୁଏ । ତେଣୁ ଏହାକୁ ‘କେଭ ହନି’ ବି କୁହାଯାଏ । ମଣିଷ ସମାଜ ଓ ଅନ୍ୟ ମହୁମାଛିଙ୍କଠାରୁ ବହୁତ ଦୂର ସମୁଦ୍ର ପତନଠାରୁ ୨୫୦୦ ମିଟର ଉଚ୍ଚତାରେ ଥିବା ଗୁମ୍ଫାରେ ଏହା ଚାଷ ହୁଏ । ଏହି ମହୁଫେଣାର ମହୁମାଛିଗୁଡିକ ଗୁମ୍ଫା ଚାରିପଟେ ଲଗାଯାଇଥିବା ଔଷଧୀୟ ବୃକ୍ଷରୁ ଖାଦ୍ୟ ଗ୍ରହଣ



କରନ୍ତି । ଉକ୍ତ ଗଛଗୁଡ଼ିକ ମ୍ୟାଗ୍ନେସିୟମ, ପଟାସିୟମ, ଫେନୋଲ, ଫ୍ଲାଭୋନଏଡ ଓ ଆଣ୍ଟିଅକ୍ସିଡାଣ୍ଟସ୍‌ରେ ଭରପୁର ଥାଏ । ମହୁମାଛିଗୁଡିକ ଏହି ବୃକ୍ଷରୁ ଖାଦ୍ୟ ସଂଗ୍ରହ କରୁଥିବାରୁ ମହୁ ମଧ ସ୍ୱାସ୍ଥ୍ୟପ୍ରଦାୟକ ଓ ନ୍ୟୁଟ୍ରିଏଣ୍ଟରେ ଭରା ହୋଇଥାଏ ।



# ଏଇ ନୃତ୍ୟ ସବୁଠୁ କଷ୍ଟ

**ନୃ**ତ୍ୟ କାହାକୁ ବା ଭଲ ନ ଲାଗେ । ସେଥିପାଇଁ ତ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ପ୍ରକାରର ନୃତ୍ୟ ରହିଛି । ଯାହାକି ସେହି ସ୍ଥାନର ସଂସ୍କୃତି ଓ ପରମ୍ପରାକୁ ବି ଦର୍ଶାଏ । ତେଣୁ କିଛି ଲୋକ ବିଭିନ୍ନ ପ୍ରକାରର ନୃତ୍ୟ ଶିଖିବାରେ ରୁଚି ରଖନ୍ତି । ହେଲେ ‘ଜୌଲି’ ନାମକ ଏକ ନୃତ୍ୟ ଅଛି ଯାହାକୁ ଚାହିଁଲେ ବି ଜଣେ ଶିଖିପାରିବେନି । କାରଣ ଏହା ହେଉଛି ପୃଥିବୀର ସବୁଠାରୁ କଷ୍ଟକର ନୃତ୍ୟ । ଉକ୍ତ ନୃତ୍ୟ ଆଫ୍ରିକାରେ ଦେଖିବାକୁ ମିଳେ । ୟୁନେସ୍କୋ ଅନୁସାରେ ଜୌଲି ଏକ ଲୋକପ୍ରିୟ ନୃତ୍ୟ ଅଟେ, ଯାହା କୋଟେ ଡି ଆଇଭ୍ୱରର ବୋଆଫଲେ ଓ ଜ୍ୟୁଏନୋଲା ସହରର ଗୁରୋ ସମ୍ପ୍ରଦାୟର ସଂସ୍କୃତିର ଅଂଶ ଅଟେ । ଉକ୍ତ ନୃତ୍ୟ ନାରୀ ସୌନ୍ଦର୍ଯ୍ୟକୁ ସମର୍ପିତ । ଏଥିରେ ମାସ୍କ, ପୋଷାକ, ସଙ୍ଗୀତ ଓ ନୃତ୍ୟ ସବୁକିଛି ଥାଏ । ଏହି ନୃତ୍ୟ ‘ଡିଜେଲା ଲୋଉ ଜୌଲି’ ବା ‘ଡିଜେଲାଙ୍କ ଝିଅ ଜୌଲା’ନାମରେ ବି ପରିଚିତ । ଏଥିରେ ସଙ୍ଗୀତର ତାଳେ ତାଳେ ନୃତ୍ୟ କରୁଥିବା ବ୍ୟକ୍ତି କାଠର ସ୍ୱତନ୍ତ୍ର ମୁଖା ପିନ୍ଧି ଗୋଡକୁ ଏତେ କ୍ଷୀପ୍ର ଗତିରେ ଚାଳନା କରନ୍ତି ଯେ, ଦେଖିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ । ଏଥିରେ ପାଦର ମୁଭମେଣ୍ଟ ଏକାପରି ଲାଗୁଥିଲେ ହେଁ, ପ୍ରତି ପାଦର ମୁଭମେଣ୍ଟ ଭିନ୍ନ ଭିନ୍ନ ହୋଇଥାଏ । କୁହାଯାଏ ମାଇକେଲ୍ ଜ୍ୟାକ୍ସନ ବି





ଏହି ନୃତ୍ୟରୁ ଦିନେ ପ୍ରଭାବିତ ହୋଇ କିଛି ଡ୍ୟାନ୍ସ ଷ୍ଟେପ୍‌କୁ ଆପଣେଇଥିଲେ । ଏଥିରେ ସାତ ପ୍ରକାରର ମାସ୍କ ପିନ୍ଧି ନୃତ୍ୟ କରାଯାଏ । ଏହି ନୃତ୍ୟ ପରିବେଶ ସୁରକ୍ଷାର ବାର୍ତ୍ତା ବି ଦେଇଥାଏ । ଉକ୍ତ ନୃତ୍ୟକୁ ଶିଖିବା ଲାଗି ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗେ ।



# ଲେଜି ଫୁଟବଲ୍ ଚେୟାର

**ସା**ରା ବିଶ୍ୱରେ ଫୁଟବଲ୍ ଖେଳର ବହୁତ ଲୋକପ୍ରିୟତା ରହିଛି । ରୋମାଞ୍ଚରେ ଭରା ଏହି ଖେଳ ଦେଖିବାକୁ କାହାକୁ ବା ଭଲ ନ ଲାଗେ । ହେଲେ ଏହାକୁ ଖେଳିବା ବହୁତ କଷ୍ଟକର । ବହୁତ ଶାରିରୀକ ପରିଶ୍ରମର ଆବଶ୍ୟକତା ପଡେ ଏହାକୁ ଖେଳିବା ପାଇଁ । ଆଉ ଯେଉଁମାନେ ଶାରିରୀକ ପରିଶ୍ରମ କରିବାକୁ କୁଣ୍ଠାବୋଧ ପ୍ରକାଶ କରନ୍ତି ବା ଟିକେ ଅଳସୁଆ ଥାଆନ୍ତି ସେମାନେ ଏହି ଖେଳକୁ ପସନ୍ଦ କରୁଥିଲେ ହେଁ ଖେଳିବାକୁ ଡରନ୍ତି । ଖାସ୍ ଏହାକୁ ନଜରରେ ରଖି ଇଟାଲୀର ଡିଜାଇନର୍ ଇମାନୁଏଲ ମାଗିନି ଏମିତି ଏକ ଚେୟାର ଡିଜାଇନ୍ କରିଛନ୍ତି, ଯାହା ଦେଖିବାକୁ ଫୁଟବଲ୍‌ର ଗୋଲ୍ ନେଟ୍ ପରି । ତେଣୁ ଏହା ଉପରେ ବସି ବସି ଫୁଟବଲ ଖେଳି ହେବ । ଏଥିପାଇଁ ପ୍ରଥମେ ଦୁଇଟି ଚେୟାରକୁ କିଛି ଦୂରତାର ବ୍ୟବଧାନରେ ରଖି ଦୁଇ ଜଣ ଏହା ଉପରେ ବସିବେ । ଆଉ ଏକ ଫୁଟବଲ୍‌କୁ ଉଭୟେ ଗୋଡରେ ମାରି ଚେୟାରର ନେଟ୍‌ରେ ଗୋଲ୍ କରିବାକୁ ପ୍ରୟାସ କରିବେ । ମେଟାଲ ଓ ନେଟ୍‌ରେ ତିଆରି ଏହି ଚେୟାରର ନାଁ ସେଥିପାଇଁ ‘ଲେଜି ଫୁଟବଲ୍ ଚେୟାର’ ରଖାଯାଇଛି ।